CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୩୦ ◆ ଭୁବନେଶ୍ୱର ◆ ସୋମବାର ◆ ମାର୍ଚ୍ଚ ୧୬ରୁ ମାର୍ଚ୍ଚ ୨୨, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-30 ◆ Bhubaneswar ◆ Monday ◆ March 16 to March 22, 2026 ◆ Page-8 ◆ Price Rs.4.00

## ପୃଥକ ଦୁର୍ଘଟଣାରେ ୬ ମୃତ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ବିଭିନ୍ନ ସ୍ଥାନରେ ଘଟିଥିବା ପୃଥକ ପୃଥକ ସଡ଼କ ଦୁର୍ଘଟଣାରେ ମୋଟ ୬ ଜଣଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଜିଲ୍ଲା ବୁଗୁଡ଼ା, ରାୟଗଡ଼ା, କେନ୍ଦୁଝର ଏବଂ ଭଦ୍ରକରେ ଏହି ମର୍ମନ୍ତୁଦ ଅଘଟଣମାନ ଘଟିଛି।

ବୁଗୁଡ଼ା ଥାନା ତାକରଡ଼ା ଗାଁ ନିକଟରେ ବ୍ରହ୍ମପୁରରୁ ଓଡ଼ଗାଁ ଅଭିମୁଖେ ଫେରୁଥିବା ଏକ କାର୍ ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ମାଆ କୁନମୁନ୍ ଚୌଧୁରୀ (୪୦)ଙ୍କ ମୃତ୍ୟୁ ଘଟିଥିବା ବେଳେ, ଗୁରୁତର ପୁଅ ଦେବାଶିଷ (୯)ଙ୍କୁ ଭୁବନେଶ୍ୱର ଏମ୍ସ ନେବା ବାଟରେ ବୋଲଗଡ଼ ନିକଟରେ ମୃତ୍ୟୁ ହୋଇଛି। କାରରେ ଥିବା ଦେବପ୍ରସାଦ ଚୌଧୁରୀ ଓ ତାଙ୍କ ୨୦ ମାସର ଝିଅ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଦୁର୍ଘଟଣାଟି ଏତେ ଭୟଙ୍କର ଥିଲା ଯେ କାରର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି। ପୋଲିସ ଗାଡ଼ିଟିକୁ ଜବତ କରିବା ସହ ଦୁର୍ଘଟଣାର ପ୍ରକୃତ କାରଣ ଖୋଜୁଛି। ଅନ୍ୟପକ୍ଷରେ ମୃତକଙ୍କ ପରିବାରରେ କାନ୍ଦବୋବାଳି ପଡ଼ିଛି। ସେହିପରି ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା କାଚାପୟୁ ଗାଁ ନିକଟରେ ଏକ ଚାଉଳ ବୋଝେଇ ପିକଅପ୍ ଭ୍ୟାନ୍ ଓଲଟି ପଡ଼ିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ତ୍ରିଞ୍ଜି ସାରକା ଓ ମଦନ ସାରକା। ଏହି ଦୁର୍ଘଟଣାରେ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଦୁଇ ଜଣଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ରାୟଗଡ଼ାର ଦୁର୍ଗମ ଅଞ୍ଚଳରେ ଘାଟି ରାସ୍ତା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଅନ୍ୟପକ୍ଷରେ କେନ୍ଦୁଝର ଜିଲ୍ଲା ଘସିପୁରା ଥାନା କୋଳିମାଟି ନିକଟରେ ଏକ ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ଜିତୁ ତନ୍ତିଙ୍କ ମୃତ୍ୟୁ ଘଟିଛି। ଧକ୍କା ଦେବା ପରେ ଟ୍ରେଲରଟି ମଧ୍ୟ ନିୟନ୍ତ୍ରଣ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା। ପୋଲିସ ଟ୍ରେଲର ଚାଳକକୁ ଅଟକ ରଖି ପଚରାଉଚରା ଜାରି ରଖିଛି। ଏହାବାଦ୍ ଭଦ୍ରକ ଟାଉନ୍ ଥାନା ବଣ୍ଟ ଛକ ନିକଟରେ ଏକ ଶୋଚନୀୟ ଘଟଣା ଘଟିଛି। ସ୍ୱାମୀଙ୍କ ସହ ବାଇକ୍‌ରେ ଡାକ୍ତରୀ ପରୀକ୍ଷା ପାଇଁ ଯାଉଥିବା ବେଳେ ଏକ ଟ୍ରାକ୍ଟର ମାଡ଼ିଯିବାରୁ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଉତ୍ତ୍ୟକ୍ତ ଲୋକେ କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

# ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ନିର୍ବାଚନ

## ବାଜିଲା ବିଗୁଲ, ତାରିଖ ଘୋଷଣା




ନୂଆଦିଲ୍ଲୀ,(ଏଜେନ୍ସି): ପଶ୍ଚିମବଙ୍ଗ, ଆସାମ, କେରଳ ଓ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ରବିବାର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ତାରିଖ ଘୋଷଣା କରିଛନ୍ତି। ଏହି ୪ ରାଜ୍ୟ ସହିତ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀର ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ତାରିଖ ଘୋଷଣା ହୋଇଛି।

ଆସାମ ଓ କେରଳରେ ଏପ୍ରିଲ ୯ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ଏହି ଦୁଇ ରାଜ୍ୟରେ ଏହି ଗୋଟିଏ ପର୍ଯ୍ୟାୟରେ ହେବ ନିର୍ବାଚନ। ଏପ୍ରିଲ ୨୩ ତାରିଖରେ ତାମିଲନାଡୁରେ ଭୋଟ୍ ହେବ। ତାମିଲନାଡୁରେ ବି ଗୋଟିଏ ପର୍ଯ୍ୟାୟରେ ହେବ ମତଦାନ। ତେବେ ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ହେବ ନିର୍ବାଚନ। ଏଠାରେ ଏପ୍ରିଲ ୨୩ ଓ ୨୯ ତାରିଖରେ ଭୋଟ୍ ଗ୍ରହଣ ହେବ। ଏପ୍ରିଲ ୯ ତାରିଖରେ ହେବ ପୁଡୁଚେରୀ ବିଧାନସଭା ନିର୍ବାଚନ। ଏଠାରେ ମଧ୍ୟ ଗୋଟିଏ ପର୍ଯ୍ୟାୟରେ ହେବ ଭୋଟ୍ ଗ୍ରହଣ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ମେ' ୪ ତାରିଖରେ ଭୋଟ୍ ଗଣତି ହେବ। ନିର୍ବାଚନ ତାରିଖ ଘୋଷଣା ସହିତ ଏହି ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ, ଆଗାମୀ ବିଧାନସଭା ନିର୍ବାଚନ ପାଇଁ ନିର୍ବାଚନ ପ୍ରକ୍ରିୟାରେ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ସହିତ ଅଯୋଗ୍ୟ ପ୍ରବେଶକୁ ରୋକିବାର ସାମ୍ବିଧାନିକ ନିର୍ଦ୍ଦେଶକୁ କଡ଼ାକଡ଼ି ପାଳନ କରାଯିବ। ସେ କହିଛନ୍ତି, 'ଭାରତର ସମ୍ବିଧାନ ଅନୁଯାୟୀ, କୌଣସି ଯୋଗ୍ୟ ଭୋଟରଙ୍କୁ ବାଦ ଦିଆଯିବ ନାହିଁ ଏବଂ ସେହି ସମୟରେ, କୌଣସି ଅଯୋଗ୍ୟ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରାଯିବ ନାହିଁ।'

ଏହି ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ହେବାକୁ ଥିବା ନିର୍ବାଚନରେ ୧୭.୪ କୋଟି ଭୋଟର ଭାଗ ନେବେ। ମୋଟ୍ ୮୨୪ ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ୍ ଗ୍ରହଣ କରାଯିବ। ସେଥିପାଇଁ ୨.୧୯ ଲକ୍ଷ ମତଦାନ କେନ୍ଦ୍ର କରାଯିବ। ଏହି ନିର୍ବାଚନ ପାଇଁ ମୋଟ ୨୫ ଲକ୍ଷ କର୍ମଚାରୀ ଓ ଅଧିକାରୀଙ୍କୁ ନିୟୋଜିତ କରାଯିବ। ୧୭.୪ କୋଟି ଭୋଟରଙ୍କ ମଧ୍ୟରୁ ଆସାମରେ ଭୋଟ୍ ଦେବେ ୨.୫୦ କୋଟି ଭୋଟର। କେରଳରେ ୨.୭୦ କୋଟି ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବାକୁ ଯାଉଥିବା ବେଳେ ତାମିଲନାଡୁରେ ୫.୬୭ ଓ ପଶ୍ଚିମବଙ୍ଗରେ ୬.୪୪ କୋଟି ଭୋଟର ଭୋଟ୍ ଦେବେ। ସେହିପରି ପୁଡୁଚେରୀରେ ୯.୪୪ ଲକ୍ଷ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ଆସାମ ବିଧାନସଭାର କାର୍ଯ୍ୟକାଳ ମେ' ୨୦ ତାରିଖରେ ଶେଷ ହେବାକୁ ଯାଉଛି। ସେହିପରି କେରଳ ବିଧାନସଭାର କାର୍ଯ୍ୟକାଳ ମେ' ୨୩ ତାରିଖ, ତାମିଲନାଡୁ ବିଧାନସଭାର କାର୍ଯ୍ୟକାଳ ମେ' ୧୦ ତାରିଖ ଏବଂ ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ମେ' ୭ ତାରିଖରେ ଶେଷ ହେବ।

ପଶ୍ଚିମବଙ୍ଗ ବିଧାନସଭାରେ ୨୯୪ଟି ଆସନ ଅଛି। ଗତ ଥର ଏଠାରେ ମମତା ବାନାର୍ଜୀଙ୍କ ଦଳ ଟିଏମ୍‌ସି ବାଜି ମାରିଥିଲା। ଦଳ ଏକାକୀ ୨୨୩ଟି ଆସନ ଜିତି ଲଗାତାର ତୃତୀୟ ଥର ପାଇଁ ସରକାର ଗଢ଼ିଥିଲା। ଜଣେ ସ୍ୱାଧୀନ ଓ ବିଜିପିଏମ୍‌ର ଜଣେ ବିଧାୟକ ମଧ୍ୟ ତୃଣମୂଳ କଂଗ୍ରେସର ସରକାରରେ ମିଶିଥିଲେ। ଅନ୍ୟପକ୍ଷରେ ବିଜେପି ୬୪ଟି ଆସନ ଜିତିଥିଲା। ତାମିଲନାଡୁ ବିଧାନସଭାରେ ୨୩୪ଟି ଆସନ ରହିଛି। ଗତ ନିର୍ବାଚନରେ ଏଠାରେ ଡିଏମ୍‌କେ ୧୩୩ଟି ଆସନ ଜିତି କଂଗ୍ରେସ ଓ ଅନ୍ୟ କିଛି ଦଳ ସହ ମିଶି ସରକାର ଗଠନ କରିଥିଲା। ଅନ୍ୟପକ୍ଷରେ ଏଆଇଏଡିଏମ୍‌କେ ୬୦, ବିଜେପି ୪ ଓ ପିଏମ୍‌କେ ୩ଟି ଆସନ ଜିତିଥିଲେ।କେରଳ ବିଧାନସଭାରେ ୧୪୦ଟି ଆସନ ଥିବା ବେଳେ ଗତ ନିର୍ବାଚନରେ ସିପିଆଇ(ଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ ୯୫ଟି ଆସନ ଜିତିଥିବା ବେଳେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ୪୧ଟି ଆସନ ପାଇଥିଲା। ଆସାମ ବିଧାନସଭାରେ ୧୨୬ଟି ଆସନ ଥିବା ବେଳେ ଗତ ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୮୬ଟି ଆସନରେ ବିଜୟୀ ହୋଇଥିଲା। ବିଜେପି ଏକାକୀ ୬୭ଟି ଆସନ ଜିତିଥିଲା। ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ଏଏସ୍‌ଓଏମ୍ ୨୫ଟି ଆସନ ଜିତିଥିଲା। କଂଗ୍ରେସ ଏକାକୀ ୨୨ଟି ଆସନ ଜିତିଥିଲା। କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀ ବିଧାନସଭାରେ ୩୩ଟି ଆସନ ଅଛି। ଗତ ନିର୍ବାଚନରେ ଏନ୍‌ଡିଏ ମେଣ୍ଟ ୨୩ ଆସନ ଜିତି ସରକାର ଗଠନ କରିଥିଲା। ତା' ମଧ୍ୟରେ ଅଲ୍ ଇଣ୍ଡିଆ ଏନ୍.ଆର କଂଗ୍ରେସର ୧୦ଟି ଆସନ ଥିବା ବେଳେ ବିଜେପିର ୬ ଓ ୪ ସ୍ୱାଧୀନ ପ୍ରାର୍ଥୀ ଥିଲେ। ଅନ୍ୟପକ୍ଷରେ ଡିଏମ୍‌କେକୁ ୬ଟି କଂଗ୍ରେସକୁ ୨ଟି ଆସନ ମିଳିଥିଲା।

## ଶିଳ୍ପ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା: ପାରାଦୀପ ହେବ ଇକୋନମିକ୍ ଜୋନ୍

ଭୁବନେଶ୍ୱର,(ଜା.ପ୍ର): ପାରାଦୀପ ଭାରତର ଏକ ବଡ଼ ଇକୋନୋମିକ୍ ଜୋନ୍ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରବିବାର ପାରାଦୀପରେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବୃହତ୍ ଶିଳ୍ପ ପ୍ରତିଷ୍ଠା ସମ୍ପର୍କରେ ସମୀକ୍ଷା କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ଏହାଛଡ଼ା

ଏହି ଅଞ୍ଚଳରେ ସ୍ଥାପିତ ହେବାକୁ ଥିବା ସମସ୍ତ ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପ ଗୁଡ଼ିକ ଯେପରି ତୁରନ୍ତ ଆରମ୍ଭ ହେବ, ସେଥିପାଇଁ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ବୈଠକରେ ପାରାଦୀପ ପୋର୍ଟର ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା,ବନ୍ଦର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ, ଆଇଓସିଲ୍ ଏବଂ ଜେଏସଡବ୍ଲ୍ୟୁ ପକ୍ଷରୁ ବିକଶିତ ହେବାକୁଥିବା ଶିଳ୍ପାନୁଷ୍ଠାନ ବିଷୟରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଭୁବନେଶ୍ୱର-କଟକ- ପୁରୀ-ପାରାଦୀପ ଇକୋନୋମିକ ରିଜନ, ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ପାରାଦୀପରେ ବିକଶିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦୀପ ପେଟ୍ରୋ କେମିକାଲ୍ ପ୍ରକଳ୍ପ , ଇଣ୍ଟିଗ୍ରେଟେଡ ଷ୍ଟିଲ୍ ପ୍ରୋଜେକ୍ଟ ପ୍ରତିଷ୍ଠା ସହିତ ଏସବୁ ପ୍ରକଳ୍ପ ଗୁଡିକର ଭୂମି ଅଧିଗ୍ରହଣ ଠାରୁ ଆରମ୍ଭ କରି ବିଭିନ୍ନ ଅନୁମୋଦନ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା।

ପଡ଼ିରହିଥିବା କାର୍ଯ୍ୟକୁ ଯଥାଶିଘ୍ର ସମାଧାନ କରି ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କାମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜିଲ୍ଲାପ୍ରଶାସନ ଓ ଶିଳ୍ପାନୁଷ୍ଠାନର ଅଧିକାରୀ ନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିଳ୍ପାନୁଷ୍ଠାନରେ ଓଡ଼ିଶାର ଯୁବପିଢ଼ି ବିଶେଷ କରି ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେଇଥିଲେ।

ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂପୁର ଜିଲ୍ଲାପାଳ ଜେ ସୋନାଲ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଆଇଓସିଏଲ୍, ଜେ ଏସ୍‌ଡବ୍ଲ୍ୟୁ, ଏଏମଏନ୍‌ଏସ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

CMYK

ଜାତୀୟ ଚେତନା
JATIYA CHETANA



# ମୃତ୍ୟୁ ଗୁଜବ ମଧ୍ୟରେ ଭିଡିଓ ଜାରିକଲେ ନେତାନ୍ୟାହୁ

ନୂଆଦିଲ୍ଲୀ,(ଏଜେନ୍ସି): ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ମୃତ୍ୟୁ ଗୁଜବ ମଧ୍ୟରେ ସୋସିଆଲ୍ ମିଡିଆରେ ନିଜର ଏକ ଭିଡିଓ ଜାରି କରିଛନ୍ତି। ଏଥିରେ ତାଙ୍କୁ ଜେରୁଜେଲମ୍‌ର ଏକ ରେଷ୍ଟୁରାଣ୍ଟ୍‌ରେ କଫି ପିଉଥିବା ଦେଖିବାକୁ ମିଳିଛି। ଭିଡିଓରେ ମଜାରେ ସେ କହୁଛନ୍ତି, 'ମୋତେ କଫି ଆବଶ୍ୟକ। କ'ଣ ତୁମେ ମୋ ଆଙ୍ଗୁଠି ଗଣିବାକୁ ଚାହୁଁଛ ?' ସୂଚନାଯୋଗ୍ୟ, ନେତାନ୍ୟାହୁଙ୍କ ମୃତ୍ୟୁ ଘଟିଥିବା ଏହା ପୂର୍ବରୁ ସୋସିଆଲ୍ ମିଡିଆରେ ଖବର ପ୍ରକାଶିତ ହୋଇଥିଲେ। ମାର୍ଚ୍ଚ ୧୩ ତାରିଖରେ ତାଙ୍କର ଏକ ଭିଡିଓ ମେସେଜ୍‌ରେ କିଛି ଲୋକ ଦାବି କରିଥିଲେ ଯେ ତାଙ୍କ ଡାହାଣ ହାତର ୬ ଆଙ୍ଗୁଠି ଦେଖାଯାଉଛି। ଏହାପରେ ଗୁଜବ ବ୍ୟାପିଯାଇଥିଲା ଯେ ଇରାନ୍ ଆକ୍ରମଣରେ ନେତାନ୍ୟାହୁଙ୍କ ମୃତ୍ୟୁ ଘଟିଛି କିମ୍ବା ସେ ଜର୍ମାନୀ ପଳାଇଛନ୍ତି। ଅବଶ୍ୟ ପରେ ନେତାନ୍ୟାହୁ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ ଅଫିସ୍ କହିଥିଲା। ଅନ୍ୟପକ୍ଷରେ ଇରାନ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଦେଶର ନୂଆ ସୁପ୍ରିମ୍ ଲିଡର୍ ମୁଜତବା ଖାମେନେଇ ସମ୍ପୂର୍ଣ୍ଣ ଭାବେ ଠିକ୍ ଅଛନ୍ତି ଏବଂ ତାଙ୍କୁ କୌଣସି ଆଘାତ ଲାଗିନାହିଁ। ଏହା ପୂର୍ବରୁ ବ୍ରିଟିଶ୍ ମିଡିଆରେ ଦାବି କରାଯାଇଥିଲା ଯେ ଫେବୃଆରୀ ୨୮ରେ ଇସ୍ରାଏଲ୍-ଆମେରିକାର ଆକ୍ରମଣରେ ମୋଜତବା ଆହତ ହୋଇଥିଲେ।

# ନେପାଳ: ଘାଟିରେ ଖସିଲା ତୀର୍ଥଯାତ୍ରୀ ବସ୍

କାଠମାଣ୍ଡୁ,(ଏଜେନ୍ସି): ନେପାଳର ଗଣ୍ଡକୀ ପ୍ରଦେଶର ଗୋର୍ଖା ଜିଲ୍ଲାରେ ଭାରତୀୟ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ଏକ ଘାଟିରେ ଖସିପଡ଼ିଛି। ଏଥିରେ ସାତଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ସାତଜଣ ଆହତ ହୋଇଛନ୍ତି। ଯାତ୍ରୀମାନେ ମନକାମନା ମନ୍ଦିରରୁ ଫେରୁଥିଲେ। ପୁଲିସ ଅନୁଯାୟୀ ତୀର୍ଥଯାତ୍ରୀମାନଙ୍କୁ ନେଇ ମନକାମନା ମନ୍ଦିରରୁ ଫେରୁଥିବା ବେଳେ ଏକ ମାଇକ୍ରୋବସ୍ ରାସ୍ତାରୁ ଖସି ୨୦୦ ଫୁଟ ଗଭୀର ଘାଟିରେ ପଡ଼ିଯାଇଥିଲା। ବସ୍‌ରେ ଡଜନେରୁ ଅଧିକ ତୀର୍ଥଯାତ୍ରୀ ଥିଲେ। ସାତଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଆହତ ଯାତ୍ରୀଙ୍କୁ ଚିକିତ୍ସା ପାଇଁ ଭରତପୁରର ଚିତୱାନ୍ ମେଡିକାଲ୍ କଲେଜକୁ ପଠାଯାଇଥିଲା। ତେବେ ବସ୍‌ର ଡ୍ରାଇଭର୍ ସୁରକ୍ଷିତ ଥିବାବେଳେ ସହାୟକ ଆହତ ହୋଇଛନ୍ତି। ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ବସ୍‌ଟି ମନକାମନା ମନ୍ଦିରରୁ ତନାହୁନ୍ ଜିଲ୍ଲାର ଅମ୍ବୁଖାଇରେନି ଅଞ୍ଚଳକୁ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଜାରି ରହିଥିଲା। ଦୁର୍ଘଟଣାର ଅନ୍ୟ କାରଣ ମଧ୍ୟ ତଦନ୍ତ କରାଯାଉଛି।

# ଇସ୍ରାଏଲ୍ ଉପରେ ଇରାନ୍‌ର 'ସେଜିଲ୍ ମିସାଇଲ୍' ମାଡ଼

ତେଲ୍ ଆଭିଭ୍,ତେହେରାନ୍,(ଏଜେନ୍ସି): ଇସ୍ରାଏଲ-ଆମେରିକା ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ରବିବାର ୧୬ଶ ଦିନରେ ପହଞ୍ଚିଛି। ଇତିମଧ୍ୟରେ ଦୁଇପକ୍ଷରୁ ପରସ୍ପର ଉପରେ ଜୋରଦାର ଆକ୍ରମଣ ଜାରି ରହିଛି। ଫେବୃଆରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ଯୁଦ୍ଧରେ ଇରାନ୍ ପ୍ରଥମ ଥର ପାଇଁ ରବିବାର ଇସ୍ରାଏଲ୍ ଏବଂ ଆମେରିକୀୟ ଭିତ୍ତିଭୂମି ଉପରେ 'ସେଜିଲ୍ ବାଲେଷ୍ଟିକ୍ ମିସାଇଲ୍' ଆକ୍ରମଣ କରିଛି। ଇରାନ୍‌ର ଇସ୍ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍ (ଆଇଆର୍‌ଜିସି) କହିଛି, ଏହି ଆକ୍ରମଣ ଇସ୍ରାଏଲ୍‌ର ସୈନ୍ୟ ଭିତ୍ତିଭୂମି ଏବଂ ଆମେରିକାର ଡିଫେନ୍ସ ଫାସିଲିଟିକୁ ଟାର୍ଗେଟ୍ କରି ମାଡ଼ କରାଯାଇଛି। ଏହା ସଲିଡ୍ ଫ୍ୟୁଏଲ୍ ବିଶିଷ୍ଟ ମିସାଇଲ୍ ହୋଇଥିବା ବେଳେ ଏହାର ଆକ୍ରମଣ କ୍ଷମତା ୨୦୦୦-୨୫୦୦ କିଲୋମିଟର୍ ପର୍ଯ୍ୟନ୍ତ। ସେଜିଲ୍ ମିସାଇଲ୍ ମହତ୍ତ୍ୱପୂର୍ଣ୍ଣ ସୈନ୍ୟ ଏବଂ କମାଣ୍ଡ୍ ସେଣ୍ଟର୍ ଉପରେ ସଠିକ୍ ଆକ୍ରମଣ କରିପାରେ।



ଅନ୍ୟପକ୍ଷରେ ଇସ୍ରାଏଲ-ଆମେରିକା ପକ୍ଷରୁ ଇରାନ୍‌ର ଇସ୍ଫହାନ୍ ଉପରେ ରବିବାର ଜୋରଦାର ଆକ୍ରମଣ କରାଯାଇଛି। ଏଥିରେ ୧୫ ଜଣ ନାଗରିକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ସେହିପରି ରବିବାର ଇରାନ୍ ପକ୍ଷରୁ କୁଏତ୍‌ସ୍ଥିତ ଇଟାଲୀର ଏକ ସୈନ୍ୟ ବେସ୍ ଉପରେ ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି ବେସ୍ ଇଟାଲୀ ଏବଂ ଆମେରିକୀୟ ସେନା ମିଳିତ ଭାବେ ବ୍ୟବହାର କରିଥାନ୍ତି। ଇଟାଲୀ ସେନା ମୁତାବିକ ଏହି ଆକ୍ରମଣରେ କେହି ହତାହତ ହୋଇଥିବା ଖବର ମିଳିନାହିଁ। ଆଜି ୟୁଏଇ ଉପରେ ମଧ୍ୟ ଇରାନ୍ ମିସାଇଲ୍ ଏବଂ ଡ୍ରୋନ୍ ଆକ୍ରମଣ କରିଛି। ତେବେ ୟୁଏଇ ଡିଫେନ୍ସ ସିଷ୍ଟମ୍ ଇରାନ୍‌ର ୪ଟି ବାଲେଷ୍ଟିକ୍ ମିସାଇଲ୍ ଓ ୬ ଡ୍ରୋନ୍‌କୁ ରୋକି ଦେଇଥିବା ୟୁଏଇ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟ ଏହା ମଧ୍ୟ କରିଛି ଯୁଦ୍ଧ ଆରମ୍ଭରୁ ଏପର୍ଯ୍ୟନ୍ତ ୟୁଏଇ ୨୯୮ ବାଲେଷ୍ଟିକ୍ ମିସାଇଲ୍, ୧୫ କ୍ରିଜ୍ ମିସାଇଲ୍ ଏବଂ ୧୬୦୬ ଡ୍ରୋନ୍‌କୁ ମାରି ଖସାଇ ଦେଇଛି। ଇସ୍ରାଏଲୀ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଇରାନ ସହିତ ଚାଲିଥିବା ଯୁଦ୍ଧର ତୃତୀୟ ସପ୍ତାହରେ ଇସ୍ରାଏଲ୍ ତାର ସେନା ପାଇଁ ରାଜକୋଷ ଖୋଲି ଦେଇଛି। ପ୍ରତିରକ୍ଷା ଆବଶ୍ୟକତା ଏବଂ ଅସ୍ତ୍ରଶସ୍ତ୍ର କ୍ରୟ ପାଇଁ ସରକାର ପ୍ରାୟ ୮୨୭ ନିୟୁତ ଡଲାର୍‌ର ଜରୁରୀକାଳୀନ ପାଣ୍ଠିକୁ ଅନୁମୋଦନ କରିଛନ୍ତି। କ୍ୟାବିନେଟ୍ ମନ୍ତ୍ରୀମାନେ ଏକ ଟେଲିଫୋନ୍ ବୈଠକରେ ଏହି ନିଷ୍ପତ୍ତିକୁ ଅନୁମୋଦନ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟ ଅନୁଯାୟୀ, ଯୁଦ୍ଧର ବୃଦ୍ଧି ପାଉଥିବା ତୀବ୍ରତା ଯୋଗୁଁ ସାମରିକ ବାହିନୀର ତୁରନ୍ତ ଆବଶ୍ୟକତା ପୂରଣ କରିବା ପାଇଁ ଏହି ଯଥେଷ୍ଟ ପରିମାଣର ରାଶି ଜାରି କରିବାକୁ ପଡିଲା।

# ଖାର୍ଗ ଦ୍ୱୀପରେ ଆମେରିକାର ଆକ୍ରମଣ

ମିଡିଲ୍ ଇଷ୍ଟ(ଏଜେନ୍ସି): ମଧ୍ୟପ୍ରାଚ୍ୟ ଆକାଶରେ ଅଗ୍ନିବର୍ଷା ଜାରି ରହିଛି। ଆଜି ଦିନରେ ମଧ ଆମେରିକା-ଇସ୍ରାଏଲ ପକ୍ଷରୁ ଇରାନ୍ ଉପରେ ଭୟଙ୍କର ଆକ୍ରମଣ କରାଯାଇଥିବା ବେଳେ ଇରାନ୍ ମଧ୍ୟ ଦୃଢ଼ତା ପୂର୍ବକ ଜବାବି ଆକ୍ରମଣ କରିଛି। ରିପୋର୍ଟ ଅନୁସାରେ ଆମେରିକା ସେନା ପକ୍ଷରୁ ଆଜି ଦିନରେ ଇରାନ୍‌ର ଅନ୍ୟତମ ଦ୍ୱୀପ ଖାର୍ଗ ଉପରେ ଭୟଙ୍କର ଆକ୍ରମଣ କରାଯାଇଥିବା ବେଳେ ଇରାନ୍ ପକ୍ଷରୁ ଉଭୟ ଇସ୍ରାଏଲ୍ ଏବଂ ପଡୋଶୀ ଦେଶରେ ଥିବା ଅନେକ ଆମେରିକୀୟ ଭିତ୍ତିଭୂମି ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଇସ୍ରାଏଲ ରାଜଧାନୀ ଜେରୁଜେଲମ୍‌କୁ ଟାର୍ଗେଟ୍ କରି ଇରାନ୍ ଆକ୍ରମଣ କରିଛି ଯେଉଁଥିରେ ଜେରୁଜେଲମ ସହରକୁ ବ୍ୟାପକ କ୍ଷତି ହୋଇଛି। ସେହିପରି ଡ୍ରୋନ୍ ଆକ୍ରମଣରେ ଇସ୍ରାଏଲର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷତି ଘଟାଇଥିବା ମଧ୍ୟ ଇରାନ ସେନା ଆଇଆରଜିସି ଦାବି କରିଛି।

ଖାର୍ଗ ଦ୍ୱୀପ ଉପରେ ଆକ୍ରମଣର ଭିଡିଓ ଜାରି କରି ଆମେରିକା ସେନାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ଦର୍ଶାଇଛି ଯେ ଏହା ଏକ ବଡ଼ ଧରଣର, ସଠିକ୍ ଆକ୍ରମଣ ଥିଲା। ଆମେରିକା ଏହା ମଧ୍ୟ ଦାବି କରିଛି ଯେ, ଆଜିର ଆକ୍ରମଣରେ ଖାର୍ଗ ଦ୍ୱୀପରେ ୯୦ଟି ଇରାନୀ ସାମରିକ ଘାଟି ଧ୍ୱଂସ କରିଦିଆଯାଇଛି। ତେବେ ଇରାନ୍ ଦୃଢ଼ତା ପୂର୍ବକ କହିଛି ଯେ ଆମେରିକା ଆକ୍ରମଣ ସତ୍ତ୍ୱେ ଖାର୍ଗ ଦ୍ୱୀପରୁ ତୈଳ ରପ୍ତାନି ସ୍ୱାଭାବିକ ଭାବେ ଜାରି ରହିଛି ଏବଂ ସେଠାରେ ତୈଳ କମ୍ପାନୀଗୁଡ଼ିକର କାର୍ଯ୍ୟକଳାପ କିମ୍ବା ତୈଳ ଯୋଗାଣ ପ୍ରଭାବିତ ହୋଇନାହିଁ। ଆକ୍ରମଣରେ ତେଲ ସହିତ ଜଡିତ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇନାହିଁ। ଖାର୍ଗ ଦ୍ୱୀପର ସାମରିକ ଘାଟି ଉପରେ ଆମେରିକାର ଆକ୍ରମଣ ପରେ ଇରାନ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ଇରାନର ଖାତମ ଅଲ ଆମ୍ବିଆ କେନ୍ଦ୍ରୀୟ ମୁଖ୍ୟାଳୟର ଜଣେ ମୁଖପାତ୍ର କହିଛନ୍ତି ଯେ, ଖାର୍ଗ ଦ୍ୱୀପ ଉପରେ ଆମେରିକାର ଆକ୍ରମଣ ପାଇଁ ୟୁଏଇ ମାଟିକୁ ବ୍ୟବହାର କରାଯାଇଛି। ଆକ୍ରମଣରେ ହିମାର୍ସ ରକେଟ୍ ସିଷ୍ଟମ ବ୍ୟବହାର କରାଯାଇଥିବା ବେଳେ ଏସବୁ ୟୁଏଇର ରାସ୍ ଅଲ୍ ଖାଇମା ଏବଂ ଦୁବାଇ ନିକଟବର୍ତ୍ତୀ ଏକ ଅଞ୍ଚଳରୁ ନିକ୍ଷେପ କରାଯାଇଥିଲା। ସେ କହିଛନ୍ତି ଯେ ପଡ଼ୋଶୀ ଦେଶର ଅଞ୍ଚଳ ବ୍ୟବହାର କରି ଆକ୍ରମଣ ସମ୍ପୂର୍ଣ୍ଣ ଭାବରେ ଗ୍ରହଣୀୟ ନୁହେଁ। ତେବେ ଯଦି ଇରାନର ତୈଳ, ଅର୍ଥନୈତିକ କିମ୍ବା ଶକ୍ତି ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରାଯାଏ ତେବେ ଇରାନ ତୁରନ୍ତ ଜବାବ ଦେବ। ମୁଖପାତ୍ର କହିଛନ୍ତି ଯେ ଆମେରିକା ସହିତ ଜଡିତ ଆଞ୍ଚଳିକ ଗଠନକୁ ପ୍ରତିଶୋଧ ସ୍ୱରୂପ ଟାର୍ଗେଟ କରାଯିବ। ଇରାନର ସାମରିକ ନେତୃତ୍ୱ କହିଛନ୍ତି ଯେ ଯଦି ଦେଶ ଭିତରେ ଏହାର ତୈଳ, ଅର୍ଥନୈତିକ କିମ୍ବା ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ କରାଯାଏ, ତେବେ ସମଗ୍ର ଅଞ୍ଚଳରେ ଆମେରିକା କମ୍ପାନି ସହିତ ଜଡିତ କିମ୍ବା ୱାଶିଂଟନ ସହିତ କାମ କରୁଥିବା ଲକ୍ଷ୍ୟସ୍ଥଳକୁ ଟାର୍ଗେଟ କରାଯିବ। ଏହାକୁ ଆମେରିକା ପ୍ରତି ଇରାନ୍‌ର ଖୋଲା ଧମକ ଭାବେ ବିବେଚନା କରାଯାଉଛି। ସୂଚନାଯୋଗ୍ୟ, ଇରାନର ଉତ୍ତର ପାରସ୍ୟ ଉପସାଗରରେ ଅବସ୍ଥିତ ଖାର୍ଗ ଦ୍ୱୀପ ଇରାନର ପ୍ରାୟ ୯୦% ଅଶୋଧିତ ତୈଳ ରପ୍ତାନି ପରିଚାଳନା କରେ। ଏହା ହର୍ମୁଜ୍ ପ୍ରଣାଳୀର ଉତ୍ତର-ପଶ୍ଚିମରେ ପ୍ରାୟ ୪୮୩ କିଲୋମିଟର ଏବଂ ମୁଖ୍ୟଭୂମିରୁ ପ୍ରାୟ ୨୪ କିଲୋମିଟର ଦୂରରେ ଅବସ୍ଥିତ। ଏଥିରେ ପ୍ରତିଦିନ ପ୍ରାୟ ୭୦ ଲକ୍ଷ ବ୍ୟାରେଲ ତେଲ ଲୋଡ୍ କରିବାର କ୍ଷମତା ଅଛି।

ଅନ୍ୟପକ୍ଷେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, 'ହର୍ମୁଜ୍ ପ୍ରଣାଳୀ ଖୋଲିବା ତଥା ସୁରକ୍ଷିତ ରଖିବା ପାଇଁ ଅନେକ ଦେଶ ଯୁଦ୍ଧଜାହାଜ ପଠାଇବା ପୂର୍ବକ ଆମେରିକା ସହ ଯୋଗଦେବେ। ଇରାନ୍ ଏହି ମାର୍ଗକୁ ଉନ୍ମୁକ୍ତ କରିବା ପାଇଁ ବାଧ ହେବ। ଚୀନ୍, ଫ୍ରାନ୍ସ, ଜାପାନ, ଦକ୍ଷିଣ କୋରିଆ ଏବଂ ୟୁକେ ଭଳି ଦେଶ, ଯେଉଁମାନେ ଏହି ସମୁଦ୍ର ପଥ ଦ୍ୱାରା ପ୍ରଭାବିତ, ସେମାନେ ଏହି ଅଞ୍ଚଳକୁ ସେମାନଙ୍କର ଜାହାଜ ପଠାଇବା ନେଇ ସେ ଆଲୋଚନା ଆରମ୍ଭ କରିଛନ୍ତି। ଏହି ଦେଶଗୁଡ଼ିକର ସହଯୋଗରେ ହର୍ମୁଜ୍ ପ୍ରଣାଳୀକୁ ସୁରକ୍ଷିତ ରଖାଯିବ। ଟ୍ରମ୍ପ ଦାବି କରିଛନ୍ତି ଯେ ଆମେରିକା ଇରାନର ସାମରିକ କ୍ଷମତାକୁ ବହୁ ପରିମାଣରେ ନଷ୍ଟ କରିଦେଇଛି, କିନ୍ତୁ ଇରାନ୍ ଏବେ ବି ଡ୍ରୋନ୍, ମାଇନ୍ କିମ୍ବା କ୍ଷୁଦ୍ର ଦୂରଗାମୀ କ୍ଷେପଣାସ୍ତ୍ର ସାହାଯ୍ୟରେ ସମୁଦ୍ର ପଥକୁ ବାଧା ଦେବା ପାଇଁ ଚେଷ୍ଟା କରିପାରିବ। ସେ କହିଛନ୍ତି ଯେ ଆମେରିକା ଯେକୌଣସି ମୂଲ୍ୟରେ ହର୍ମୁଜ୍ ପ୍ରଣାଳୀକୁ ଖୋଲା ଏବଂ ସୁରକ୍ଷିତ ରଖିବ ଏବଂ ଏଥିପାଇଁ ସାମରିକ କାର୍ଯ୍ୟାନୁଷ୍ଠାନ ଜାରି ରଖିବ। ଟ୍ରମ୍ପଙ୍କ ଏହି ବିବୃତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ଖାର୍ଗ ଦ୍ୱୀପରେ ସାମରିକ ଘାଟିକୁ ଟାର୍ଗେଟ୍ କରି ଆକ୍ରମଣ ଆରମ୍ଭ କରିଛି। ଆମେରିକା ଏହା ମଧ୍ୟ ଚେତାବନୀ ଦେଇଛି ଯେ ଯଦି ଇରାନ ହର୍ମୁଜ ପ୍ରଣାଳୀକୁ ଅବରୋଧ କରିବା ଜାରି ରଖେ, ତେବେ ସେଠାରେ ଗୁରୁତ୍ୱପୂର୍ଣ୍ଣ ତୈଳ ସୁବିଧାଗୁଡ଼ିକୁ ମଧ୍ୟ ଟାର୍ଗେଟ୍ କରାଯିବ। ଟ୍ରମ୍ପ ଆଜି ପୁଣିଥରେ ଦୋହରାଇଛନ୍ତି ଯେ, ଇରାନ୍‌ର ସୈନ୍ୟ ସାମର୍ଥ୍ୟ ଶେଷ ହୋଇଯାଇଛି। ଇରାନ୍ ଏବେ ଯୁଦ୍ଧ ବନ୍ଦ କରିବା ପାଇଁ ତାଙ୍କୁ ବାରମ୍ବାର ଅନୁରୋଧ କରୁଛି। ଆମେରିକା ସେନା ଇରାନର ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପରେ ସବୁଠାରୁ ଶକ୍ତିଶାଳୀ ବିମାନ ଆକ୍ରମଣ କରିଥିବା ସତ୍ତ୍ୱେ କେବଳ ଏଠାରେ ଇରାନୀ ସାମରିକ ଘାଟିଗୁଡ଼ିକୁ ନଷ୍ଟ କରିଛି। ତାଙ୍କ ନିର୍ଦ୍ଦେଶକ୍ରମେ ଆକ୍ରମଣ ସମୟରେ ଏଠାକାର ତୈଳ ଭିତ୍ତିଭୂମିକୁ ଯେପରି କୌଣସି କ୍ଷତି ନପହଞ୍ଚେ ସେନେଇ ସେନା ପକ୍ଷରୁ ସତର୍କତା ରକ୍ଷା କରାଯାଇଛି।

# ଦେଶରେ ଦୂର ହେବ ଏଲ୍‌ପିଜି ସଂକଟ, ଆସୁଛି ୯୨,୭୦୦ ଟନ୍ ଏଲ୍‌ପିଜି

ତେହେରାନ,ନୂଆଦିଲ୍ଲୀ,(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଭୟଙ୍କର ଯୁଦ୍ଧ ବିଭୀଷିକାର ସମ୍ମୁଖୀନ ହେଉଥିବା ସତ୍ତ୍ୱେ ଇରାନ୍, ନିଜ ବନ୍ଧୁତାର ସମ୍ପର୍କକୁ ସର୍ବୋପରି ବଜାୟ ରଖିଛି। ଭାରତ ଉଦ୍ଦେଶ୍ୟରେ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିଛି ଇରାନ୍। ଯୁଦ୍ଧ ଆରମ୍ଭ ହେବା ଠାରୁ ଆଜି ଦିନ ପର୍ଯ୍ୟନ୍ତ ଅର୍ଥାତ୍ ଗତ ୧୫ ଦିନ ଧରି ଉଭୟ ଆମେରିକା ଏବଂ ଇସ୍ରାଏଲ୍ ପକ୍ଷରୁ ମିଳିତ ଆକ୍ରମଣରେ କ୍ଷତିଗ୍ରସ୍ତ ହେବା ସତ୍ତ୍ୱେ ଇରାନ୍, ଭାରତ ପାଇଁ ହର୍ମୁଜ ପ୍ରଣାଳୀକୁ ଉନ୍ମୁକ୍ତ କରିଛି। ରିପୋର୍ଟ ଅନୁସାରେ ଉପସାଗରୀୟ ଦେଶଗୁଡ଼ିକରୁ ଏଲ୍‌ପିଜି ବହନ କରୁଥିବା ଦୁଇଟି ଭାରତୀୟ ଜାହାଜ ସୁରକ୍ଷିତ ଭାବରେ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିଛନ୍ତି। ଇରାନ ଗୋଟିଏ ଦିନ ପୂର୍ବରୁ ଏହିସବୁ ଜାହାଜକୁ ମାର୍ଗ ଦେଇଥିଲା ଏବଂ ଏବେ ଏହି ଜାହାଜଗୁଡ଼ିକ ଭାରତର ପଶ୍ଚିମ ଉପକୂଳ ଅଭିମୁଖେ ଯାତ୍ରା କରୁଛନ୍ତି। ଅର୍ଥାତ୍ ଆଉ ୨/୩ ଦିନ ମଧ୍ୟରେ ଏହି ଏଲ୍‌ପିଜି ଜାହାଜଗୁଡ଼ିକ ଭାରତୀୟ ସମୁଦ୍ର ତଟରେ ଡକିଂ କରିବେ। ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଅସ୍ଥିରତା ମଧ୍ୟରେ ଏହା ଭାରତ ପାଇଁ ଏକ ବଡ଼ ଆଶ୍ୱସ୍ତି ଭାବେ ବିବେଚନା କରାଯାଉଛି।

କେନ୍ଦ୍ର ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା ଶନିବାର ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଭାରତୀୟ ପତାକା 'ତ୍ରିରଙ୍ଗା' ଲାଗିଥିବା ଦୁଇ ଏଲ୍‌ପିଜି ବାହକ ଜାହାଜ 'ଶିବାଲିକ୍' ଏବଂ 'ନନ୍ଦା ଦେବୀ' ଶନିବାର ସୁରକ୍ଷିତ ଭାବେ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିଛନ୍ତି। ଉଭୟ ଜାହାଜ ମୋଟ୍ ୯୨,୭୦୦ ଟନ୍ ଏଲପିଜି ବହନ କରୁଥିବା ବେଳେ ଇରାନୀ ସେନା ଆଇଆର୍‌ଜିସି ପକ୍ଷରୁ ଏହି ଦୁଇ ଜାହାଜକୁ ଆଗକୁ ବଢ଼ିବାକୁ ଅନୁମତି ଦିଆଯାଇଥିଲା। ତେବେ ଏହି ଦୁଇ ଜାହାଜ ଏବେ ଗୁଜରାଟର ମୁନ୍ଦ୍ରା ଏବଂ କାନ୍ଦଲା ବନ୍ଦର ଅଭିମୁଖେ ଯାତ୍ରା କରୁଛନ୍ତି ଏବଂ ଆଗାମୀ ୨/୩ ଦିନ ମଧ୍ୟରେ ଭାରତରେ ପହଞ୍ଚିବେ ବୋଲି ଆଶା କରାଯାଉଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ହର୍ମୁଜ୍ ପ୍ରଣାଳୀର ପଶ୍ଚିମ ଭାଗରେ ଫସି ରହିଥିବା ପ୍ରାୟ ୨୪ଟି ଜାହାଜ ମଧ୍ୟରେ ଏହି ଦୁଇ ଜାହାଜଗୁଡ଼ିକ ମଧ୍ୟ ସାମିଲ ଥିଲେ।

ଦିନକ ପୂର୍ବରୁ ଭାରତରେ ଅବସ୍ଥାପିତ ଇରାନର ରାଷ୍ଟ୍ରଦୂତ ମହମ୍ମଦ ଫଥାଲି କହିଥିଲେ ଯେ ଇରାନ୍ ଜଳପଥ ଦେଇ ଅନେକ ଭାରତୀୟ ଜାହାଜକୁ ଯିବାକୁ ଅନୁମତି ଦିଆଯାଇଛି, ଯଦିଓ ସେ ଅନୁମତିପ୍ରାପ୍ତ ମୋଟ ଜାହାଜ ସଂଖ୍ୟା ନିର୍ଦ୍ଦିଷ୍ଟ କରି ନଥିଲେ। ସେ କହିଥିଲେ ଯେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ୍‌ଙ୍କ ମଧ୍ୟରେ ହୋଇଥିବା ସକାରାତ୍ମକ ତଥା ବନ୍ଧୁତାପୂର୍ଣ୍ଣ ଆଲୋଚନା ଏବଂ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ଇରାନ୍ ବିଦେଶ ମନ୍ତ୍ରୀ ସୟଦ୍ ଅବ୍ବାସ୍ ଅରାଘଚିଙ୍କ ମଧ୍ୟରେ ହୋଇଥିବା କ୍ରମାଗତ ଆଲୋଚନା (୪ଥର)ର ଫଳସ୍ୱରୂପ ଏହା ସମ୍ଭବ ହେବାକୁ ଯାଉଛି। ସେ ଏହି ସମୟରେ କହିଥିଲେ ଯେ, ଭାରତ ଆମର ବନ୍ଧୁ, ତେଣୁ ଆମେ ସୁରକ୍ଷିତ ପଥ ପ୍ରଦାନ କରିବୁ।' ଆଗାମୀ କିଛି ଘଣ୍ଟା ମଧ୍ୟରେ ସବୁକିଛି ସ୍ପଷ୍ଟ ହୋଇଯିବ। ତାଙ୍କର ଏପରି କହିବାର କିଛି ଘଣ୍ଟା ମଧ୍ୟରେ ଇରାନ୍ ଦୁଇଟି ଭାରତୀୟ ଗ୍ୟାସ୍ ବୋଝେଇ ଟ୍ୟାଙ୍କରକୁ ହର୍ମୁଜ୍ ପ୍ରଣାଳୀ ଦେଇ ଯିବାକୁ ଅନୁମତି ଦେବ ବୋଲି ରଏଟର୍ସ ପକ୍ଷରୁ ସମ୍ବାଦ ହସ୍ତଗତ ହୋଇଥିଲା।

# ଦିଲ୍ଲୀରେ ବିଜୁ-ନବୀନଙ୍କ ନାଁରେ ଗୋପନୀୟ ଫାଉଣ୍ଡେସନ୍

## ପାଣ୍ଡିଆନ ସଭାପତି ଓ ସନ୍ତୃପ୍ତ ସମ୍ପାଦକ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟସଭା ନିର୍ବାଚନ ପୂର୍ବରୁ ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକଙ୍କ ଦିଲ୍ଲୀସ୍ଥିତ ସରକାରୀ ବାସଭବନ ଠିକଣାରେ ଏକ ଗୋପନୀୟ ଟ୍ରଷ୍ଟ ଖୋଲାଯାଇଥିବା ନେଇ ବଡ଼ ଖୁଲାସା ହୋଇଛି। ଭାରତ ସରକାରଙ୍କ ନୀତି ଆୟୋଗ 'ଏନଜିଓ ଦର୍ପଣ' ତଥ୍ୟ ଅନୁଯାୟୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ନାଁରେ 'ବିଜୁ-ନବୀନ ଇନସପିରେସନାଲ ଫାଉଣ୍ଡେସନ' ଗଠନ କରାଯାଇଛି। ଇଣ୍ଡିଆନ ଟ୍ରଷ୍ଟ ଆକ୍ଟ-୧୮୮୨ ଅନୁଯାୟୀ ପଞ୍ଜିକୃତ ଏହି ଫାଉଣ୍ଡେସନର ସଭାପତି ଭାବେ ଭି. କାର୍ତ୍ତିକେୟନ ପାଣ୍ଡିଆନ ରହିଥିବା ବେଳେ ରାଜ୍ୟସଭା ପ୍ରାର୍ଥୀ ଡ. ସନ୍ତୃପ୍ତ ମିଶ୍ର ସମ୍ପାଦକ ଏବଂ ପୂର୍ବତନ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଟ୍ରଷ୍ଟି ଭାବେ ରହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନୂଆଦିଲ୍ଲୀର ୩, ଡ. ଏପିଜେ ଅବଦୁଲ କଲାମ ରୋଡସ୍ଥିତ ନବୀନ ପଟ୍ଟନାୟକଙ୍କ ବାସଭବନକୁ ଏହି ଫାଉଣ୍ଡେସନର କାର୍ଯ୍ୟାଳୟ ଠିକଣା ଭାବେ ବ୍ୟବହାର କରାଯାଇଛି ଏବଂ ଯୋଗାଯୋଗ ପାଇଁ ସନ୍ତୃପ୍ତ ମିଶ୍ରଙ୍କ ବ୍ୟକ୍ତିଗତ ମୋବାଇଲ ନମ୍ବର ଓ ଇମେଲ ଆଇଡି ଦିଆଯାଇଛି।

ଏହି ଘଟଣାକୁ ନେଇ ବିଜେଡି ଭିତରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଏକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ରାଜ୍ୟ ବାହାରେ ଏଭଳି ଟ୍ରଷ୍ଟ ଗଠନ କରି ଦଳର ପାଣ୍ଠିକୁ ଆତ୍ମସାତ କରିବା ପାଇଁ ଏକ ବଡ଼ ଧରଣର ଷଡ଼ଯନ୍ତ୍ର ହୋଇଥିବା ସେ ଦର୍ଶାଇଛନ୍ତି। ଗତ ଫେବୃଆରୀ ୨୮ରେ ନବୀନ ନିବାସରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ପ୍ରଭାତ ବିଶ୍ୱାଳ ଏହି ପ୍ରସଙ୍ଗ ଉଠାଇବା ସହ ସନ୍ତୃପ୍ତ ମିଶ୍ରଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରିଥିଲେ।


BIJU NAVEEN INSPIRATIONAL FOUNDATION

NPO Details

DL/2025/0668745 | 05-06-2025

Office Bearers

| Name | Designation |
| --- | --- |
| V Karthikeya Pandian | President |
| Santrupt Misra | Secretary |
| Ashok Kumar Parija | Trustee |

Registration Details

Sub-Registrar | Trust

2025/11/IV/172 | The Indian Trusts Act, 1882

NEW DELHI | Delhi

05-05-2025

Contact Details

3, Dr. APJ ABDUL KALAM ROAD, NEW DELHI, Chanakya Puri, NEW DELHI (Delhi) - 110011

Santruptbmisra@gmail.com | 97**07**05

--

Working Sectors

Education & Literacy, Environment & Forests, Health & Family Welfare, Rural Development & Poverty Alleviation, Sports | Skill Development

Delhi | NEW DELHI

ଏହି ଘଟଣାର କିଛି ସମୟ ପରେ ଦଳ ତାଙ୍କୁ ବହିଷ୍କାର କରିଥିଲା। ପ୍ରଭାତଙ୍କ କହିବା ଅନୁଯାୟୀ, ବିଜୁ ବାବୁ ଓ ନବୀନ ବାବୁଙ୍କ ନାମରେ ଓଡ଼ିଶା ବାହାରେ ଏଭଳି ସଂସ୍ଥା ଗଠନ କରିବା ଓଡ଼ିଶାର ସ୍ୱାର୍ଥ ବିରୋଧୀ। ଏହି ଟ୍ରଷ୍ଟ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ କ୍ରୀଡ଼ା କ୍ଷେତ୍ରରେ କାର୍ଯ୍ୟ କରିବ ବୋଲି କାଗଜପତ୍ରରେ ଦର୍ଶାଯାଇଥିଲେ ହେଁ ଏହାର ପ୍ରକୃତ ଉଦ୍ଦେଶ୍ୟକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ଅନୁଷ୍ଠିତ ଏକ ସମ୍ବାଦ ସରବରାହ ସଂସ୍ଥାକୁ ସୂଚନା ଦେଇ ପ୍ରଭାତ ବିଶ୍ୱାଳ କହିଛନ୍ତି ଯେ, ଏହି ଫାଉଣ୍ଡେସନ ଗଠନ ପଛରେ କେବଳ ରାଜନୈତିକ ନୁହେଁ ବରଂ ଆର୍ଥିକ ଫାଇଦା ହାସଲ କରିବାର ଲକ୍ଷ୍ୟ ରହିଛି। ଓଡ଼ିଶାର ଜନତାଙ୍କ ପାଇଁ କାମ କରୁଥିବା ଦଳ କାହିଁକି ଦିଲ୍ଲୀର ଠିକଣାରେ ଏବଂ ବ୍ୟକ୍ତିଗତ ନିୟନ୍ତ୍ରଣରେ ଏପରି ସଂସ୍ଥା ରଖିଛି, ତାହାର ଉତ୍ତର ରଖିବା ଜରୁରୀ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଫାଉଣ୍ଡେସନର ପଞ୍ଜୀକରଣ ନମ୍ବର ଏବଂ ବିସ୍ତୃତ ତଥ୍ୟ ସର୍ବସାଧାରଣରେ ଉପଲବ୍ଧ ହେବା ପରେ ବିଜେଡିର ଅନେକ ବରିଷ୍ଠ ନେତାଙ୍କ ମଧ୍ୟରେ ଛନକା ପଶିଛି। ରାଜ୍ୟର ପୂର୍ବତନ ଆଡଭୋକେଟ ଜେନେରାଲଙ୍କ ଭଳି ବ୍ୟକ୍ତି ଏଥିରେ ସାମିଲ ରହିବା ଏହାର ଆଇନଗତ ପ୍ରକ୍ରିୟାକୁ ଅଧିକ ସନ୍ଦେହଜନକ କରିଛି। ପାଣ୍ଡିଆନଙ୍କ ପ୍ରଭାବରେ ଦଳର ନୀତି ନିଷ୍ପତ୍ତି ପରିଚାଳିତ ହେଉଥିବା ଅଭିଯୋଗ ହେଉଥିବା ବେଳେ ଏବେ ଆର୍ଥିକ କାରବାର ପାଇଁ ଏପରି ଏକ ମାଧ୍ୟମ ପ୍ରସ୍ତୁତ କରାଯାଇଛି। ଏହି ଘଟଣାକୁ ନେଇ ବିରୋଧୀ ବିଜେପି ଓ କଂଗ୍ରେସ ପକ୍ଷରୁ ମଧ୍ୟ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଇଛି। ଦିଲ୍ଲୀର ବଙ୍ଗଳାକୁ ବ୍ୟବସାୟିକ କିମ୍ବା ବେସରକାରୀ ଟ୍ରଷ୍ଟ ପାଇଁ ବ୍ୟବହାର କରିବା ସମ୍ପୂର୍ଣ୍ଣ ବେଆଇନ ବୋଲି ସେମାନେ ଦାବି କରିଛନ୍ତି। ଯଦି ଏହି ଫାଉଣ୍ଡେସନ କେବଳ ସମାଜସେବା ପାଇଁ ଉଦ୍ଦିଷ୍ଟ, ତେବେ ଏହାକୁ ଗୁପ୍ତ ରଖାଯିବାର କାରଣ କ'ଣ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରଭାତ ବିଶ୍ୱାଳ ନିଜ ବୟାନରେ ସ୍ପଷ୍ଟ କରିଛନ୍ତି ଯେ, ସେ ଦଳ ବିରୋଧୀ ନୁହନ୍ତି ବରଂ ଦଳ ଭିତରେ ଚାଲିଥିବା ଅନ୍ୟାୟ ବିରୋଧରେ ସ୍ୱର ଉଠାଉଛନ୍ତି। ଆଗାମୀ ଦିନରେ ଏହି ଫାଉଣ୍ଡେସନର ଆୟ-ବ୍ୟୟ ଏବଂ ଏଥିରେ କେଉଁଠୁ ପାଣ୍ଠି ଆସୁଛି, ତାହାର ତଦନ୍ତ ପାଇଁ ମଧ୍ୟ ଦାବି ଜୋର ଧରିଛି। ଓଡ଼ିଶାର ଆତ୍ମସମ୍ମାନ ସହ ଜଡ଼ିତ ବିଜୁ ବାବୁଙ୍କ ନାମକୁ ନେଇ ଖେଳାଯାଉଥିବା ଏହି ଖେଳକୁ ରାଜ୍ୟବାସୀ କଦାପି ଗ୍ରହଣ କରିବେ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଏହି ପ୍ରସଙ୍ଗ ଏବେ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ସବୁଠି ହଇଚଇ ସୃଷ୍ଟି କରିଛି ଏବଂ ଆଗାମୀ ନିର୍ବାଚନରେ ଏହା ଏକ ପ୍ରମୁଖ ପ୍ରସଙ୍ଗ ହେବାର ସମ୍ଭାବନା ରହିଛି।

# ଟ୍ୱିନ୍‌ସିଟିରେ ଚାଲିବ 'ନମୋ ଭାରତ'

ଭୁବନେଶ୍ୱର,(ଜା.ପ୍ର): କଟକ-ଭୁବନେଶ୍ୱର ଡେଲି ପାସେଞ୍ଜରଙ୍କ ପାଇଁ ନୂଆ ଆଶା। ମେଟ୍ରୋ ଟ୍ରେନ୍ ସ୍ୱପ୍ନ ଭାଙ୍ଗିଯିବା ପରେ ଏବେ ଆସୁଛି 'ନମୋ ଭାରତ' ରାପିଡେକ୍ସ ଟ୍ରେନ୍ ସୁବିଧା। ଟ୍ୱିନ୍ ସିଟି ମଧ୍ୟରେ ଯାତ୍ରୀ ପରିବହନ ସେବାକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ଏ ନୂଆ ଯୋଜନା କରୁଛି। ଆଗକୁ ଏ ଦୁଇ ସହର ମଧ୍ୟରେ ନମୋ ଭାରତ ରାପିଡେକ୍ସ ଟ୍ରେନ୍ ଗଡ଼ିବ। ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ଲାଗି ଏଲିଭେଟେଡ ରୁଟ୍ ହେଲେ ପ୍ରତି କିଲୋମିଟର ପିଛା ଖର୍ଚ୍ଚ ହେବ ୩୦୦ କୋଟି ଟଙ୍କା। କିନ୍ତୁ ବିକଳ୍ପ 'ନମୋ ଭାରତ' ରାପିଡେକ୍ସ ଟ୍ରେନ୍ ପ୍ରକଳ୍ପ ପାଇଁ ପ୍ରତି କିଲୋମିଟିର ପିଛା ଖର୍ଚ୍ଚ ଆସିବ ମାତ୍ର ୩୦ କୋଟି ଟଙ୍କା। ତେଣୁ କମ୍ ଖର୍ଚ୍ଚରେ ବିକଳ୍ପ ସେବା ଯଦି ମିଳିପାରିଲେ, ଲୋକଙ୍କ ପଇସାକୁ କାହିଁକି ଖର୍ଚ୍ଚ କରାଯିବ ବୋଲି ରେଳ ମନ୍ତ୍ରୀ କହିଛନ୍ତି। ସହର-ସହର ମଧ୍ୟରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ସହଜ କରିବା ଏବଂ ଟ୍ରାଫିକ୍ ସମସ୍ୟା ରୋକିବାକୁ ସ୍ଥଳଭାଗରେ ହାଇସ୍ପିଡ୍ ଟ୍ରେନ୍ ସେବା ଲାଗି ଦେଶର ପ୍ରଥମ ରିଜିଓନାଲ ରାପିଡ୍ ଟ୍ରାଂଜିଟ୍ ସିଷ୍ଟମ୍ ବା ଆରଆରଟିଏସ୍ ଦିଲ୍ଲୀ-ଗାଜିଆବାଦ-ମିରଟ ମଧ୍ୟରେ କାର୍ଯ୍ୟକାରୀ ହୋଇଥିଲା। ପୂର୍ବରୁ ରାପିଡେକ୍ସ ଟ୍ରେନ୍ କୁହାଯାଉଥିବା ଏ ବ୍ୟବସ୍ଥାକୁ ପରେ ନମୋ ଭାରତ ନାଁରେ ପରିବର୍ତ୍ତନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଦେଶର ଅନ୍ୟ ସହରକୁ ସଂପ୍ରସାରଣ ହେବାକୁ ଥିବା ଏ ପ୍ରକଳ୍ପ ଏବେ କଟକ-ଭୁବନେଶ୍ୱର ପାଇଁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଏହି ପ୍ରସ୍ତାବିତ ଟ୍ରେନ୍ ସେବା ପାଇଁ ନିର୍ମାଣ ହେବ ସ୍ୱତନ୍ତ୍ର ରେଳ ଲାଇନ। ପ୍ରତି ୩୦ ମିନିଟ୍ ବ୍ୟବଧାନରେ ଚାଲିବ ଗୋଟିଏ ଲେଖାଏଁ ଟ୍ରେନ୍। ପ୍ରାୟ ୪ରୁ ୫ଟି ବଗି ବିଶିଷ୍ଟ ଏହି ଟ୍ରେନରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସେବା ଓ ସୁବିଧା ମିଳିବ। ଆରାମଦାୟକ ଯାତ୍ରା ପାଇଁ ଗ୍ରାବ୍ ହ୍ୟାଣ୍ଡେଲ, ଓଭରହେଡ୍ ଲଗେଜ୍ ରାକ୍, ମୋବାଇଲ୍ ଏବଂ ଲାପଟପ୍ ଚାର୍ଜିଂ ସକେଟ୍ ରହିବ। ପବ୍ଲିକ ଆନାଉନ୍ସିଂ ଏବଂ ଡିସପ୍ଲେ ସିଷ୍ଟମ ରହିଛି। ଟ୍ରେନ ଚାଲିବାବେଳେ ରୁଟ୍ ମ୍ୟାପ୍ ପ୍ରଦର୍ଶନ ଏବଂ ଏକ ମନୋରଂଜନ ବ୍ୟବସ୍ଥା ରହିଛି। ନମୋ ଭାରତ ଟ୍ରେନ ଘଣ୍ଟାପ୍ରତି ସର୍ବାଧିକ ୧୮୦ କିମି ବେଗରେ ଚାଲିପାରିବ।

# ୪୮୫ ଗାଁକୁ ମିଳିବ କ୍ରୀଡ଼ା ସାମଗ୍ରୀ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟର ଦୁର୍ଗମ ତଥା ମାଓ ପ୍ରଭାବିତ ଅଞ୍ଚଳର ଯୁବପିଢ଼ିଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। 'ଗ୍ରାମୋଦୟ' ଅଭିଯାନ ମାଧ୍ୟମରେ ୧୦ଟି ଜିଲ୍ଲାର ୪୮୫ଟି ମାଓ ପ୍ରଭାବିତ ଗ୍ରାମକୁ କ୍ରୀଡ଼ା ସାମଗ୍ରୀ ଯୋଗାଇ ଦିଆଯିବ। ଏହି ଯୋଜନା ପାଇଁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ମୋଟ ୨ କୋଟି ୪୨ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରାଯାଇଛି।

ସୂଚନା ଅନୁଯାୟୀ, ପ୍ରତି ଚିହ୍ନିତ ଗ୍ରାମକୁ ୫୦ ହଜାର ଟଙ୍କା ମୂଲ୍ୟର କ୍ରୀଡ଼ା କିଟ୍ ପ୍ରଦାନ କରାଯିବ। ଏଥିରେ କ୍ରିକେଟ, ଫୁଟବଲ, ଭଲିବଲ, ବ୍ୟାଡମିଣ୍ଟନ ସମେତ ଚେସ୍ ଏବଂ କ୍ୟାମ୍ ଭଳି ଇନଡୋର ଗେମର ସମସ୍ତ ସାମଗ୍ରୀ ରହିବ। ବରଗଡ଼, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଏବଂ ରାୟଗଡ଼ା ଜିଲ୍ଲାର ଯୁବକଯୁବତୀମାନେ ଏହାଦ୍ୱାରା ଉପକୃତ ହେବେ। କ୍ରୀଡ଼ା ସାମଗ୍ରୀ କିଣିବା ଦାୟିତ୍ୱ ସ୍ଥାନୀୟ ଯୁବ କ୍ଲବଗୁଡ଼ିକୁ ଦିଆଯିବ। ଯେଉଁ ଗ୍ରାମରେ କ୍ଲବ ନାହିଁ, ସେଠାରେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କ ସହାୟତାରେ ନୂତନ କ୍ଲବ ଗଠନ କରାଯାଇ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ଯୋଡ଼ାଯିବ। କ୍ରୀଡ଼ା ମାଧ୍ୟମରେ ଦୁର୍ଗମ ଅଞ୍ଚଳର ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ଏକ ସୁସ୍ଥ ଓ ଅନୁଶାସିତ ଜୀବନଶୈଳୀ ପ୍ରଦାନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି ସୂଚନା ମିଳିଛି।

# କାଳବୈଶାଖୀ ତାଣ୍ଡବ: କରଞ୍ଜିଆରେ ୨ ମୃତ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକର କିଆ ଗ୍ରାମରେ ମାତ୍ର ୧୦ ମିନିଟର ତାଣ୍ଡବରେ ସବୁକିଛି ଛାରଖାର ହୋଇଯାଇଥିବା ବେଳେ ୨ ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ହଠାତ୍ ପ୍ରବଳ ପବନ ସହ ବର୍ଷା ଆରମ୍ଭ ହୋଇଥିଲା। ପବନର ବେଗ ଏତେ ତୀବ୍ର ଥିଲା ଯେ ରାସ୍ତାରେ ଯାଉଥିବା ବାଇକ୍ ଓ ଏକ ଅଟୋକୁ ଏହା ଉଡ଼ାଇ ନେଇ ପୋଖରୀ ଭିତରେ ପକାଇ ଦେଇଥିଲା। ଏହି ଅଘଟଣରେ ୨୦ରୁ ଅଧିକ ଲୋକ ଆହତ ହୋଇଥିବା ବେଳେ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗ୍ରାମର ପ୍ରାୟ ୭୦ଟି ଘରର ଆଜବେଷ୍ଟସ ଓ ଚାଳ ଉଡ଼ିଯାଇଥିବା ବେଳେ ବହୁ ବଡ଼ ବଡ଼ ଗଛ ଓ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୁଃଖଦ ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଆହତମାନଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି କନ୍ଧମାଳ ଜିଲ୍ଲା କଳିଙ୍ଗା ଅଞ୍ଚଳରେ ଚଳିତ ବର୍ଷର ପ୍ରଥମ କୁଆପଥର ବର୍ଷା ଦେଖିବାକୁ ମିଳିଛି। କିଛି ସମୟ ଧରି ପ୍ରବଳ ମାତ୍ରାରେ କୁଆପଥର ପଡ଼ିବାରୁ ପୂରା ଅଞ୍ଚଳ ବରଫର ଧଳା ଚାଦରରେ ଘୋଡ଼େଇ ହୋଇଯାଇଥିଲା, ଯାହା କାଶ୍ମୀରର ଭ୍ରମ ସୃଷ୍ଟି କରିଥିଲା। ବର୍ଷା ଯୋଗୁଁ କିଛି ଘର ଭିତରକୁ ପାଣି ପଶିଯାଇଥିଲେ ହେଁ, ହଳଦୀ ଚାଷୀମାନେ ଏହି ବର୍ଷାକୁ ନେଇ ଖୁସି ପ୍ରକାଶ କରିଛନ୍ତି। ଆଞ୍ଚଳିକ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ରାଜ୍ୟରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗିରହିବ। ଛତିଶଗଡ଼ରୁ ଆଭ୍ୟନ୍ତରୀଣ ଓଡ଼ିଶା ମଧ୍ୟ ଦେଇ ଏକ ଟ୍ରଫ୍ ଲାଇନ ସକ୍ରିୟ ରହିଥିବାରୁ ସୋମବାର ପ୍ରାୟ ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ରାୟଗଡ଼ା, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ପାଇଁ ପ୍ରବଳ ବର୍ଷା ନେଇ 'ଅରେଞ୍ଜ ୱାର୍ଣ୍ଣିଂ' ଜାରି କରାଯାଇଥିବା ବେଳେ ଝାରସୁଗୁଡ଼ା ଓ ସମ୍ବଲପୁରରେ ଗ୍ରୀଷ୍ମ ପ୍ରବାହ ପାଇଁ 'ରେଡ୍ ଆଲର୍ଟ' ଜାରି କରାଯାଇଛି।

# ନୂଆଦିଲ୍ଲୀଠାରେ 'ଓଡ଼ିଶା ପର୍ବ', ଯୋଗଦେଲେ ରାଜ୍ୟପାଳ

ଭୁବନେଶ୍ୱର,(ଜା.ପ୍ର): ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ନୂଆଦିଲ୍ଲୀଠାରେ ଆୟୋଜିତ ଓଡ଼ିଶା ପର୍ବ-୨୦୨୬ରେ ଯୋଗଦେଇ ଓଡ଼ିଶା ୨୦୩୬ ମସିହାରେ ରାଜ୍ୟ ଗଠନର ଶତବାର୍ଷିକୀ ପୂର୍ତ୍ତି ଆଡ଼କୁ ଗତି କରୁଥିବା ବେଳେ ସମୃଦ୍ଧ, ସମାବେଶୀ ଓ ଅଗ୍ରଗାମୀ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ୨୦୩୬ ବର୍ଷ କେବଳ ଓଡ଼ିଶାର ଐତିହାସିକ ଯାତ୍ରାର ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ ନୁହେଁ ବରଂ ରାଜ୍ୟର ଉପଲବ୍ଧିଗୁଡ଼ିକୁ ସ୍ମରଣ କରି ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖି ଆହୁରି ଶକ୍ତିଶାଳୀ ଓ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାମ କରିବାର ସୁଯୋଗ ମଧ୍ୟ ହେବ। ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବରେ ଯୋଗଦେବା ତାଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ। ଏହି ପର୍ବ ନୂଆଦିଲ୍ଲୀରେ ଓଡ଼ିଶାର ଆତ୍ମା, ଚେତନା ଓ ସାଂସ୍କୃତିକ ସମୃଦ୍ଧିକୁ ପ୍ରଦର୍ଶନ କରିବାର ଏକ ପ୍ରକୃଷ୍ଟ ମଞ୍ଚ ଭାବେ ପରିଣତ ହୋଇଛି। ବର୍ଷ ବର୍ଷ ଧରି ଏହି ଉତ୍ସବ ଏକ ଅନନ୍ୟ ଆୟୋଜନରେ ପରିଣତ ହୋଇଛି ଯେଉଁଥିରେ କଳା, ସଂସ୍କୃତି, ଐତିହ୍ୟ, ଉଦ୍ୟମିତା ଓ ବିଶ୍ୱବ୍ୟାପୀ ରହୁଥିବା ଓଡ଼ିଆମାନଙ୍କର ସାମୂହିକ ପରିଚୟ ଏକତ୍ର ହୋଇଥାଏ ବୋଲି ରାଜ୍ୟପାଳ ମତପ୍ରକାଶ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ "ସଂସ୍କୃତି ଓ ପ୍ରକୃତି" ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହା ଓଡ଼ିଶାର ଅନନ୍ୟ ଚରିତ୍ରକୁ ସୁନ୍ଦର ଭାବେ ପ୍ରତିଫଳିତ କରିପାରିଛି ଯେଉଁଠାରେ ସଂସ୍କୃତି ଓ ପ୍ରକୃତିର ସମନ୍ୱୟ ଘଟିଛି। ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ଶାସ୍ତ୍ରୀୟ ଓ ଲୋକନୃତ୍ୟ ପ୍ରଦର୍ଶନ, ପାରମ୍ପରିକ ସଙ୍ଗୀତ, ଖାଦ୍ୟ ପରମ୍ପରା ଏବଂ ବୁଦ୍ଧିଜୀବୀ ଆଲୋଚନା ମାଧ୍ୟମରେ ଏହି ପର୍ବ ଦର୍ଶକମାନଙ୍କୁ ଓଡ଼ିଶାର ଜୀବନ୍ତ ଜୀବନଧାରା ଓ ସମୃଦ୍ଧ ଐତିହ୍ୟର ଏକ ଦୃଶ୍ୟ ପ୍ରଦାନ କରିପାରିଛି। ନୂଆଦିଲ୍ଲୀର ଓଡ଼ିଆ ସମାଜକୁ ଏହି ଉତ୍ସବର ସଫଳ ଆୟୋଜନ ପାଇଁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହିତ ଜାତୀୟ ଓ ବିଶ୍ୱସ୍ତରରେ ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ପରିଚୟକୁ ପ୍ରଚାର ପ୍ରସାର କରିବାରେ ଅନୁଷ୍ଠାନର ସମର୍ପିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଓଡ଼ିଶାର ସମୃଦ୍ଧ ସଭ୍ୟତାଗତ ଐତିହ୍ୟକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ରାଜ୍ୟର ପରିଚୟ ମହାପ୍ରଭୁ ଜଗନ୍ନାଥଙ୍କଠାରେ ଗଭୀର ଭାବେ ନିହିତ ଯାହା ସମାନତା ଓ ବିଶ୍ୱଭ୍ରାତୃତ୍ୱର ସନ୍ଦେଶ ଦେଇ ପିଢ଼ି ପରେ ପିଢ଼ିକୁ ପ୍ରେରିତ କରାଆସିଛି। ରାଜ୍ୟର ବୌଦ୍ଧିକ ଓ ସାଂସ୍କୃତିକ ପରିସରକୁ ଗଢ଼ି ତୋଳିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକିର ମୋହନ ସେନାପତି ଓ ଗଙ୍ଗାଧର ମେହେରଙ୍କ ପରି ପ୍ରସିଦ୍ଧ ବ୍ୟକ୍ତିତ୍ୱମାନଙ୍କର ଅମୂଲ୍ୟ ଅବଦାନକୁ ରାଜ୍ୟପାଳ ନିଜ ଉଦ୍‌ବୋଧନରେ ଅବତାରଣା କରିଥିଲେ। ଏତଦ୍‌ବ୍ୟତୀତ ଓଡ଼ିଶା ନିଜ ଐତିହ୍ୟକୁ ସୁରକ୍ଷିତ ରଖିବା ସହିତ ଶିକ୍ଷା, ନବସୃଜନ ଓ ଆର୍ଥିକ ସୁଯୋଗର ଏକ କେନ୍ଦ୍ର ଭାବେ ଅଗ୍ରସର ହେଉଛି ଏବଂ ଭାରତର ପ୍ରଗତି ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାର ଅପାର ସମ୍ଭାବନା ରଖିଛି ବୋଲି ରାଜ୍ୟପାଳ କହିଥିଲେ।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ପାନୀୟ ଜଳ ସଙ୍କଟ

ଜଳର ଅନ୍ୟ ନାମ ଜୀବନ। ସମଗ୍ର ପ୍ରାଣୀ ଓ ଉଦ୍ଭିଦ ଜଗତ ପାଇଁ ଏହା ପ୍ରକୃତିର ଶ୍ରେଷ୍ଠ ଉପହାର। କିନ୍ତୁ ବିଡ଼ମ୍ବନାର ବିଷୟ, ନିକଟ ଭବିଷ୍ୟତରେ ଏହି ଦୁର୍ଲ୍ଲଭ ସମ୍ପଦ ଏକ ବୃହତ୍ ସଙ୍କଟ ଭାବେ ଉଭା ହେବାକୁ ଯାଉଛି। ପୃଥିବୀର ୭୨ ପ୍ରତିଶତ ଅଞ୍ଚଳ ଜଳମଗ୍ନ ହୋଇଥିଲେ ହେଁ, ମନୁଷ୍ୟ ବ୍ୟବହାରଯୋଗ୍ୟ ମଧୁର ଜଳର ପରିମାଣ ମାତ୍ର ଶତକଡ଼ା ୧ ଭାଗ। ନଦୀ, ଝରଣା ଓ ଭୂତଳରେ ଗଚ୍ଛିତ ଏହି ସୀମିତ ଜଳରାଶିର ଏବେ ବ୍ୟାପକ ଅବକ୍ଷୟ ଘଟିଚାଲିଛି। ପରିସଂଖ୍ୟାନ କହୁଛି, ଗତ ଶତାବ୍ଦୀର ୮୦ ଦଶକ ତୁଳନାରେ ନଦୀଜଳର ପ୍ରବାହ ୭୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଅସମୟରେ ବୃଷ୍ଟିପାତ ଓ ଭୂତଳ ଜଳ ସ୍ତରର ଅବନତି ଆଗାମୀ ଦିନ ପାଇଁ ଏକ ଶୁଭ ସଂକେତ ନୁହେଁ।

ସଙ୍କଟ କେବଳ ପରିମାଣକୁ ନେଇ ନୁହେଁ, ବରଂ ଗୁଣବତ୍ତାକୁ ନେଇ ମଧ୍ୟ। ଉପଲବ୍ଧ ଜଳ କ୍ରମେ ବିଷାକ୍ତ ହେବାରେ ଲାଗିଛି। ନିକଟରେ ମଧ୍ୟପ୍ରଦେଶର ଇନ୍ଦୋରରେ ପ୍ରଦୂଷିତ ଜଳ ପାନ କରି ୧୬ ଜଣଙ୍କ ମୃତ୍ୟୁ ଘଟଣା ଆଧୁନିକ ସଭ୍ୟତା ପାଇଁ ଏକ ଚେତାବନୀ। ଆମ ରାଜ୍ୟ ଓଡ଼ିଶାର ଆଠଗଡ଼ ସମେତ ଅନେକ ଅଞ୍ଚଳରେ ଭୂତଳ ଜଳରେ ମାତ୍ରାଧିକ ଫ୍ଲୋରାଇଡ୍ ରହିବା କିଡ୍‌ନୀ ଓ ଲିଭର ଜନିତ ରୋଗର ମୁଖ୍ୟ କାରଣ ସାଜିଛି। ପବିତ୍ର ଗଙ୍ଗା ଓ ଯମୁନାର ଜଳ ମଧ୍ୟ ଆଜି ପ୍ରଦୂଷଣରୁ ମୁକ୍ତ ନୁହେଁ। ଅପରପକ୍ଷେ, ଆମେ ବ୍ୟବହାର କରୁଥିବା ଟ୍ୟାପ୍ ଜଳର ବିଶୋଧନ ଓ ନଳଗୁଡ଼ିକର ପରିଷ୍କାର ପରିଚ୍ଛନ୍ନତାକୁ ନେଇ ସର୍ବଦା ପ୍ରଶ୍ନବାଚୀ ରହିଛି।

ଏହି ସୁଯୋଗରେ ପାନୀୟ ଜଳ ଏବେ ଏକ ବିଶାଳ ବ୍ୟବସାୟିକ କ୍ଷେତ୍ରରେ ପରିଣତ ହୋଇଛି। ଯେଉଁ ଜଳ ଦିନେ ମାଗଣାରେ ମିଳୁଥିଲା, ତାହା ଆଜି ବିଳାସିତାର ପ୍ରତୀକ ସାଜିଛି। ସମ୍ଭ୍ରାନ୍ତ ଶ୍ରେଣୀର ଲୋକେ ହଜାର ହଜାର ଟଙ୍କା ବିନିମୟରେ ବିଦେଶୀ ଝରଣାର 'ସ୍ପାର୍କଲିଙ୍ଗ ୱାଟର' କ୍ରୟ କରୁଛନ୍ତି, ଯାହା ତୃଷା ମେଣ୍ଟାଇବା ଅପେକ୍ଷା ଆଭିଜାତ୍ୟ ପ୍ରଦର୍ଶନର ଏକ ମାଧ୍ୟମ ପାଲଟିଛି। ବହୁରାଷ୍ଟ୍ରୀୟ କମ୍ପାନୀମାନେ ସାଧାରଣ ଜଳକୁ ବିଶୋଧନ ନାମରେ ବୋତଲବନ୍ଦୀ କରି ପ୍ରଚୁର ମୁନାଫା କମାଉଛନ୍ତି। ତେବେ ବୋତଲବନ୍ଦୀ ଜଳ ଯେ ସମ୍ପୂର୍ଣ୍ଣ ବିଶୁଦ୍ଧ, ସେ ଧାରଣା ଭୁଲ୍। ନିକଟରେ ବିଧାନସଭାରେ ପ୍ରଦତ୍ତ ତଥ୍ୟ ଅନୁଯାୟୀ, ଅନେକ ନାମୀଦାମୀ ବ୍ରାଣ୍ଡର ଜଳ ନମୁନା ଅସୁରକ୍ଷିତ ବୋଲି ଜଣାପଡ଼ିଛି। ପ୍ଲାଷ୍ଟିକ ବୋତଲରେ ଦିନ ଦିନ ଧରି ଜଳ ଆବଦ୍ଧ ରହିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଚଳିତ ବର୍ଷ ପରୀକ୍ଷା କରାଯାଇଥିବା ୨୯ଟି ନମୁନା ମଧ୍ୟରୁ ୮ଟି ଅସୁରକ୍ଷିତ ମିଳିବା ଏବଂ ବିଗତ ଚାରି ବର୍ଷର ପରିସଂଖ୍ୟାନ ଅନୁଯାୟୀ ୧୮ଟି ବ୍ରାଣ୍ଡ ପାନୀୟ ଅଯୋଗ୍ୟ ହେବା ଏକ ଗମ୍ଭୀର ବିଷୟ।

ସାଧାରଣ ଜନତାଙ୍କ ପାଖରେ ଜଳର ଶୁଦ୍ଧତା ପରୀକ୍ଷା କରିବାର କୌଣସି ସାଧନ ନାହିଁ। ସେ କେବଳ 'ବିଶୁଦ୍ଧ'ର ଲୋଭନୀୟ ବିଜ୍ଞାପନ ଦେଖି ଏହି ବିଷକୁ କ୍ରୟ କରୁଛି। ଜଳ ସଙ୍କଟର ସ୍ଥାୟୀ ସମାଧାନ ପାଇଁ ଭୂତଳ ଜଳର ସଂରକ୍ଷଣ ଏବଂ ସରକାରୀ ଜଳ ଯୋଗାଣ ବ୍ୟବସ୍ଥାରେ ଶତପ୍ରତିଶତ ବିଶୋଧନ ଜରୁରୀ। ନଚେତ୍ ଆଗାମୀ ଦିନରେ ଜଳ କେବଳ ବ୍ୟବସାୟର ସାମଗ୍ରୀ ହୋଇ ରହିଯିବ ଏବଂ ସାଧାରଣ ମଣିଷ ପାଇଁ ବିଶୁଦ୍ଧ ମୁନ୍ଦାଏ ଜଳ ସ୍ୱପ୍ନ ହୋଇ ରହିବ।

କେବଳ ସ୍ଥାନୀୟ ସ୍ତରରେ ନୁହେଁ, ବରଂ ସମଗ୍ର ବିଶ୍ୱ ଆଜି ଏକ ଭୟଙ୍କର ଜଳ ସଙ୍କଟର ଦ୍ୱାରଦେଶରେ ଛିଡ଼ା ହୋଇଛି। ନିକଟରେ ଅନୁଷ୍ଠିତ ଜାତିସଂଘ ଜଳ ସମ୍ମିଳନୀରେ ଏହାକୁ ନେଇ ଗଭୀର ଉଦବେଗ ପ୍ରକାଶ ପାଇଛି। ପ୍ରକୃତିର ସହନୀୟତା ଓ ପୁନଃଭରଣ କ୍ଷମତାଠାରୁ ଅଧିକ ଜଳ ବ୍ୟବହାର କରିବା ଦ୍ୱାରା ଆଜି ପୃଥିବୀର ପ୍ରାୟ ଅର୍ଦ୍ଧେକ ଜନସଂଖ୍ୟା ବର୍ଷକର ଅନ୍ତତଃ ଏକ ମାସ ଜଳାଭାବର ଶିକାର ହେଉଛନ୍ତି। ଏହି ସଙ୍କଟ ପାଇଁ ଅନ୍ୟ କେହି ନୁହେଁ, ବରଂ ମଣିଷର ଦୂରଦୃଷ୍ଟିହୀନତା ହିଁ ଦାୟୀ।

ନଦୀ ଅବବାହିକା ଏବଂ ପାହାଡ଼ର ଉପରମୁଣ୍ଡରେ ବ୍ୟାପକ ବୃକ୍ଷଚ୍ଛେଦନ ଯୋଗୁଁ ବୃଷ୍ଟିଜଳ ଆଉ ମାଟି ଭିତରକୁ ଯାଇ ପାରୁନାହିଁ। ଫଳସ୍ୱରୂପ, ବର୍ଷାଜଳ ତତ୍‌କ୍ଷଣାତ୍ ନଦୀ-ନାଳ ଦେଇ ସମୁଦ୍ରକୁ ବହିଯାଉଛି। ଯଦି ଜଙ୍ଗଲ ସୁରକ୍ଷିତ ରୁହନ୍ତା, ତେବେ ଏହି ଜଳ ଧୀରେ ଧୀରେ ଭୂତଳଗାମୀ ହୁଅନ୍ତା ଏବଂ ଝରଣା ତଥା ନଦୀଗୁଡ଼ିକରେ ବର୍ଷତମାମ ଜଳଧାରା ପ୍ରବାହିତ ହୋଇ ରୁହନ୍ତା। କିନ୍ତୁ ଆଜି ସ୍ଥିତି ଓଲଟା; ବର୍ଷା ଦିନେ ବନ୍ୟାର ପ୍ରକୋପ ଏବଂ ବର୍ଷର ଅନ୍ୟ ସମୟରେ ନଦୀଗୁଡ଼ିକ ମରୁଭୂମିର ଭ୍ରମ ସୃଷ୍ଟି କରୁଛନ୍ତି। ଏହି ପ୍ରସଙ୍ଗରେ ପରିବେଶ କର୍ମୀ ଗ୍ରେଟା ଥନବର୍ଗଙ୍କ ସେହି ଯାଦୁକରୀ ଶବ୍ଦଗୁଡ଼ିକ ମନେପଡ଼େ, ଯାହା ସେ ଜାତିସଂଘ ଅଧିବେଶନରେ ବିଶ୍ୱର ତୁଙ୍ଗ ନେତୃମଣ୍ଡଳୀକୁ ପଚାରିଥିଲେ- 'ତୁମେ ଆମ ଭବିଷ୍ୟତ ସହ ଖେଳିବାକୁ କିପରି ସାହସ କରୁଛ ?' ଏହି ପ୍ରଶ୍ନର ମର୍ମାଂଶ ଥିଲା ଅତି ସ୍ପଷ୍ଟ; ଯଦି ଆମେ ଏବେଠାରୁ ପୃଥିବୀର କ୍ଷତିକୁ ନରୋକିବା, ତେବେ ଆଗାମୀ ବଂଶଧର ଆମକୁ କେବେବି କ୍ଷମା ଦେବେ ନାହିଁ। ଗତ ଜଳ ସମ୍ମିଳନୀର ମୁଖ୍ୟ ସ୍ୱର ଥିଲା- ଜଳ ପରିଚାଳନାରେ ମିତବ୍ୟୟିତା। ଜଳ ଆଉ ପ୍ରକୃତିର 'ମୁକ୍ତ ଉପାଦାନ' ହୋଇ ରହିନାହିଁ। ପାହାଡ଼, ଜଙ୍ଗଲ ପରି ଜଳ ଉତ୍ସଗୁଡ଼ିକ ମଧ୍ୟ ଆଜି ମଣିଷର ଦୌରାତ୍ମ୍ୟର ଶିକାର। ଆମେ ଯେତେବେଳେ ନିଜର ଆବଶ୍ୟକତାକୁ ସଂଯମ କରିବା ଏବଂ ଜଳର ପ୍ରତିଟି ବୁନ୍ଦାର ମହତ୍ତ୍ୱ ବୁଝିବା, ସେତେବେଳେ ଯାଇ ଉଦ୍ଧାରର ମାର୍ଗ ମିଳିବ। ଶେଷରେ ଏତିକି କୁହାଯାଇପାରେ, ନିଜେ ସଙ୍କଟ ନଭୋଗିଲେ କଷ୍ଟର ଗଭୀରତା ବୁଝିହୁଏ ନାହିଁ। କିନ୍ତୁ ଜଳ କ୍ଷେତ୍ରରେ ସେହି କଷ୍ଟ ଭୋଗିବା ପର୍ଯ୍ୟନ୍ତ ଅପେକ୍ଷା କରିବା ବୋଧହୁଏ ଆତ୍ମଘାତୀ ହେବ।

# ରୋଷେଇ ଘରୁ ଆରମ୍ଭ ହେଉ ଦ୍ୱିତୀୟ ଶକ୍ତି ବିପ୍ଳବ

ଦେବସେନା ଅବନ୍ତିକା ରାଉତ

ଭାରତୀୟଙ୍କ ଜୀବନଧାରଣର ଶୈଳୀରେ ଆଜି ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଆଧୁନିକତା ଆଡ଼କୁ ଅଗ୍ରସର ହେବା ସହିତ ଦେଶରେ ମୁଣ୍ଡପିଛା ବିଦ୍ୟୁତ୍ ଶକ୍ତିର ବ୍ୟବହାର ବୃଦ୍ଧି ପାଇବା ଏକ ଅନିବାର୍ଯ୍ୟ ପ୍ରକ୍ରିୟା। ତଥ୍ୟ କହୁଛି, ବର୍ତ୍ତମାନ ଭାରତର ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର ବିଶ୍ୱର ହାରାହାରି ସ୍ତରର ମାତ୍ର ଅଧା ଭାଗରେ ସୀମିତ ରହିଛି। ଅର୍ଥାତ୍, ଆମର ବିକାଶର ଗତି ଯେତିକି ବଢ଼ିବ, ବିଦ୍ୟୁତ୍ ଶକ୍ତିର ଚାହିଦା ସେତିକି ତୀବ୍ର ହେବ। କିନ୍ତୁ ଏହି ବର୍ଦ୍ଧିତ ଚାହିଦାକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ।

ବିଶେଷ କରି ରନ୍ଧନ କାର୍ଯ୍ୟରେ ବିଦ୍ୟୁତ୍ ଶକ୍ତିର ବ୍ୟବହାରକୁ ନେଇ ଯେଉଁ ଆଶଙ୍କା ରହିଛି, ତାହା ବାସ୍ତବରେ ଅତି ନଗଣ୍ୟ। ଯଦି ଆମେ ରୋଷେଇ ଘରେ ପାରମ୍ପରିକ ଇନ୍ଧନ ବଦଳରେ ବିଦ୍ୟୁତ୍ ଶକ୍ତି ବା 'ଇ-କୁକିଂ'କୁ ଆପଣାଇବା, ତେବେ ଏହା ସାମଗ୍ରିକ ବିଦ୍ୟୁତ୍ ଗ୍ରୀଡ୍ ଉପରେ କୌଣସି ବଡ଼ ଧରଣର ଚାପ ପକାଇବ ନାହିଁ। ବରଂ ଏହା ଆମକୁ ବିଦେଶୀ ଗ୍ୟାସ୍ ଏବଂ ମହଙ୍ଗା ତେଲ ଉପରୁ ନିର୍ଭରଶୀଳତା କମାଇବାରେ ସହାୟକ ହେବ।

ବର୍ତ୍ତମାନର ଶକ୍ତି ସଂକଟ ବା ବଜାରରେ ଇନ୍ଧନ ଦରର ଅସ୍ଥିରତାକୁ ଆମେ ଏକ ସତର୍କ ସୂଚନା ଭାବେ ଗ୍ରହଣ କରିବା ଉଚିତ। ସମୟ ଆସିଛି, ବିନା କୌଣସି ବିଳମ୍ବରେ ଆମେ ପ୍ରତିଟି ଭାରତୀୟ ରୋଷେଇ ଘରେ ଏହି 'ଦ୍ୱିତୀୟ ଶକ୍ତି ବିପ୍ଳବ'ର ଶୁଭାରମ୍ଭ କରିବା। ଏହା କେବଳ ଏକ ବିକଳ୍ପ ନୁହେଁ, ବରଂ ଏକ ସୁଦୂରପ୍ରସାରୀ ଓ ବୁଦ୍ଧିମାନର ପଦକ୍ଷେପ ହେବ। ପରିବେଶ ସୁରକ୍ଷା ଏବଂ ଶକ୍ତି ସ୍ୱରାଜ୍ୟ ଦିଗରେ ଏହି ପରିବର୍ତ୍ତନ ଏକ ବଳିଷ୍ଠ ଆଧାରଶିଳା ସାବ୍ୟସ୍ତ ହେବ।

ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପୂର୍ବର କଥା। ଭାରତୀୟ ସହରାଞ୍ଚଳର ରୋଷେଇ ଘରମାନଙ୍କରେ ଜାଳେଣି କାଠ ଓ କୋଇଲାର ଧୂଆଁମୟ ପରିବେଶକୁ ହଟାଇ ଯେତେବେଳେ 'ଲିକ୍ୱିଫାଏଡ୍ ପେଟ୍ରୋଲିଅମ୍ ଗ୍ୟାସ୍' ବା 'ଏଲ୍‌ପିଜି' ପ୍ରବେଶ କଲା, ସେତେବେଳେ ବିଜ୍ଞାପନ ଦୁନିଆରେ ଏକ ଚମତ୍କାର ସ୍ଲୋଗାନ୍ ଶୁଣିବାକୁ ମିଳୁଥିଲା- 'ରୋଷେଇ ଘରେ ବିପ୍ଳବ!' ସତକୁ ସତ, ଏହି ନୂତନ ଧୂମହୀନ ଇନ୍ଧନ କେବଳ ଏକ ବିକଳ୍ପ ନଥିଲା, ବରଂ ଏହା ଥିଲା କୋଟି କୋଟି ମହିଳାଙ୍କ ପାଇଁ ଯନ୍ତ୍ରଣାରୁ ମୁକ୍ତିର ଏକ ବଳିଷ୍ଠ ଆଧାର। ଆଜି ସେହି ବିପ୍ଳବ କେବଳ ଚକାଚକ୍ ସହର ଭିତରେ ସୀମିତ ହୋଇ ରହିନାହିଁ, ବରଂ ଗାଁର କୁଡ଼ିଆ ପର୍ଯ୍ୟନ୍ତ ନିଜର ପ୍ରଭାବ ବିସ୍ତାର କରିଛି। ରୋଷେଇ ଦାୟିତ୍ୱ ନିର୍ବାହ କରୁଥିବା ଗୃହିଣୀମାନଙ୍କ ପାଇଁ କାଠ ଓ କୋଇଲାର ଜଞ୍ଜାଳ ଏବଂ ଆଖିରୁ ଲୁହ ଝରାଉଥିବା ଧୂଆଁରୁ ଏହା ଏକ ପ୍ରକାର ମୁକ୍ତି ଆଣିଦେଇଛି। 'ଏଲ୍‌ପିଜି' ଏବେ କେବଳ ଏକ ଅତ୍ୟାବଶ୍ୟକ ସାମଗ୍ରୀ ନୁହେଁ, ବରଂ ଭାରତୀୟ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ।

ଏହାର ନିର୍ଭରଶୀଳତା କେବଳ ଘରୋଇ ରୋଷେଇ ମଧ୍ୟରେ ଆବଦ୍ଧ ନୁହେଁ। ବଡ଼ ବଡ଼ ହୋଟେଲ, ରେଷ୍ଟୁରାଣ୍ଟଠାରୁ ଆରମ୍ଭ କରି ରାସ୍ତାକଡ଼ର ଜଳଖିଆ ଦୋକାନୀ ପର୍ଯ୍ୟନ୍ତ ସମସ୍ତେ ଆଜି ଏହି ଗ୍ୟାସ୍ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଏହି 'ପ୍ରଥମ ବିପ୍ଳବ' ଭାରତର ସାମାଜିକ ଏବଂ ଆର୍ଥିକ ଢାଞ୍ଚାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛି।

ଜୀବନ ରକ୍ଷା ପାଇଁ ଅମ୍ଳଜାନ ଯେତିକି ଅପରିହାର୍ଯ୍ୟ, ତାହାର ଯୋଗାଣ ପ୍ରତି ଆମେ ସେତିକି ନିଶ୍ଚିନ୍ତ। ଅମ୍ଳଜାନର ଉପସ୍ଥିତି ସମ୍ବନ୍ଧରେ ଆମେ ଯେମିତି ସଚେତନ ନଥାଉ କିମ୍ବା ତାହାର ଅଭାବ ହେବ ବୋଲି କେବେ ଆଶଙ୍କା କରିନଥାଉ, ଭାରତୀୟ ରୋଷେଇ ଘରେ ରନ୍ଧନ ଗ୍ୟାସ୍ ବା 'ଏଲ୍‌ପିଜି' ପ୍ରତି ଠିକ୍ ସେହିଭଳି ଏକ ନିଶ୍ଚିନ୍ତ ମନୋଭାବ ସୃଷ୍ଟି ହୋଇସାରିଛି। କିନ୍ତୁ ଏହି ନିଶ୍ଚିନ୍ତତା ପଛରେ ଲୁଚି ରହିଥିବା ଏକ ବଡ଼ ସତ୍ୟ ପ୍ରତି ଆମେ ସମ୍ପୂର୍ଣ୍ଣ ଅଜ୍ଞ ଯେ, ଆମ ରୋଷେଇ ଘରର ଏହି ଜୀବନରେଖା ପ୍ରାୟ ସଂପୂର୍ଣ୍ଣ ଭାବେ ବିଦେଶରୁ ଆମଦାନି ଉପରେ ନିର୍ଭରଶୀଳ।

ବର୍ତ୍ତମାନ ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ପରିସ୍ଥିତି ଆମର ସେହି ଦୀର୍ଘଦିନର ନିଶ୍ଚିନ୍ତଭାବକୁ ଏକ ଶକ୍ତ ଧକ୍କା ଦେଇଛି। ଏହି ବିକ୍ଷୁବ୍ଧ ଅଞ୍ଚଳ ହିଁ ହେଉଛି ଭାରତର ରନ୍ଧନ ଗ୍ୟାସ୍ ଯୋଗାଣର ମୁଖ୍ୟ ଉତ୍ସ। ଯୁଦ୍ଧ ଯୋଗୁଁ ଆମଦାନି ବ୍ୟାହତ ହେବାର ଆଶଙ୍କା ଖାଉଟିମାନଙ୍କ ମଧ୍ୟରେ ଏକ 'କୋକୁଆ ଭୟ' ସୃଷ୍ଟି କରିଛି। ସାମାନ୍ୟ ଗୁଜବ ବା ଅଭାବର ଖବର ପ୍ରସାରିତ ହେବା ମାତ୍ରେ ବଜାରରେ ଏକ ଚାଞ୍ଚଲ୍ୟକର ସ୍ଥିତି ଉପୁଜୁଛି। କେବଳ ଘରୋଇ ରୋଷେଇ ନୁହେଁ, ବରଂ ଏହା ଉପରେ ନିର୍ଭର କରୁଥିବା ହୋଟେଲ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ବନ୍ଦ ହୋଇଯିବାର ଆଶଙ୍କା ଘନେଇବାରେ ଲାଗିଛି।

ଏହି ସଂକଟ ଆମକୁ ମନେ ପକାଇ ଦେଉଛି ଯେ, ଶକ୍ତି କ୍ଷେତ୍ରରେ ପରମୁଖାପେକ୍ଷୀ ହେବା କେତେ ଭୟଙ୍କର ହୋଇପାରେ। ଯେଉଁ ଗ୍ୟାସ୍ ବିପ୍ଳବ ଆମକୁ ଦିନେ ମୁକ୍ତି ଦେଇଥିଲା, ଆଜି ତାହାର ସୀମିତ ଉତ୍ସ ଓ ବିଦେଶୀ ନିର୍ଭରଶୀଳତା ଆମ ପାଇଁ ଏକ ବଡ଼ ଚେତାବନୀ ପାଲଟିଛି।

ପଶ୍ଚିମ ଏସିଆର ଯୁଦ୍ଧ ସ୍ଥିତି ଯୋଗୁଁ ଉପୁଜିଥିବା ଇନ୍ଧନ ସଙ୍କଟର ମୁକାବିଲା ପାଇଁ ସରକାରଙ୍କ ତତ୍ପରତା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଏବଂ ଜନସାଧାରଣଙ୍କ ପାଇଁ ଆଶ୍ୱାସନାଜନକ। କିନ୍ତୁ ଏହି ଅପ୍ରତ୍ୟାଶିତ ସଙ୍କଟ ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦେଶ ବହନ କରି ଆଣିଛି। ସମୟ ଆସିଛି, ପାରମ୍ପରିକ ଗ୍ୟାସ୍ ବିପ୍ଳବର ଗଣ୍ଡିରୁ ବାହାରି ଆମକୁ ଏକ ନୂତନ 'ଧୂମହୀନ ବିପ୍ଳବ' ଆଡ଼କୁ ଅଗ୍ରସର ହେବାକୁ ପଡ଼ିବ। ଏହି ନୂଆ ବିପ୍ଳବର ମୁଖ୍ୟ ଶକ୍ତି ହେବ 'ବିଦ୍ୟୁତ୍ ଶକ୍ତି'।

ଆମ ରୋଷେଇ ଘରୁ ଗ୍ୟାସ୍ ଚୁଲିକୁ ବିଦାୟ ଦେଇ ଇଲେକ୍ଟ୍ରିକ୍ ବା ଇଣ୍ଡକସନ୍ ଚୁଲିକୁ ଆପଣାଇବା ଏବେ କେବଳ ଏକ ବିକଳ୍ପ ନୁହେଁ, ବରଂ ଏକ ଆବଶ୍ୟକତା। ଏହି ଶକ୍ତିର ଉତ୍ସ ହେବ ଆମ ଦେଶର କୋଇଲା, ଜଳବିଦ୍ୟୁତ୍, ସୌର ଏବଂ ବାୟୁ ଶକ୍ତି। ଯେହେତୁ ଭାରତ ପାଖରେ ଯଥେଷ୍ଟ କୋଇଲା ମହଜୁଦ ଅଛି ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ଆମର ବିଶାଳ ସାମର୍ଥ୍ୟ ରହିଛି, ତେଣୁ ଏହାର ଯୋଗାଣ କୌଣସି ବିଦେଶୀ ଯୁଦ୍ଧ ବା ଆନ୍ତର୍ଜାତିକ ରାଜନୈତିକ ଅସ୍ଥିରତା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ନାହିଁ। ଆଜି ଦେଶର କୋଣ ଅନୁକୋଣରେ ବିଦ୍ୟୁତ୍ ସଂଯୋଗ ପହଞ୍ଚି ସାରିଛି। ଯଦି ଆମେ ବିଦ୍ୟୁତ୍ ଯୋଗାଣରେ ସ୍ଥିରତା ଏବଂ ଭୋଲ୍‌ଟେଜ୍ ସମସ୍ୟାର ସଠିକ୍ ସମାଧାନ କରିପାରିବା, ତେବେ 'ଇ-କୁକିଂ' ବା ବୈଦ୍ୟୁତିକ ରନ୍ଧନ ଶୈଳୀ ଏକ ସୁରକ୍ଷିତ ଏବଂ ଭରସାଯୋଗ୍ୟ ମାଧ୍ୟମ ହୋଇପାରିବ। ଶକ୍ତି କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ଏହା ହିଁ ଶ୍ରେଷ୍ଠ ମାର୍ଗ।

ରୋଷେଇ ଘରେ ଏଇ ନୂତନ ବିପ୍ଳବର ଯାହା ମୁଖ୍ୟ ଆୟୁଧ ରୂପେ ବ୍ୟବହୃତ ହେବା ଉଚିତ ହେବ, ତାହା ଆମର ସୁପରିଚିତ ପାରମ୍ପରିକ ହିଟର୍ ନୁହେଁ, ଯେଉଁଥିରେ ଏକ ସେରାମିକ୍ ଆଧାର ଉପରେ ତାତି ଯାଉଥିବା କଏଲ୍‌ମାନ ସାପ ପରି ମୋଡ଼ିହୋଇ ଶୋଇଥାନ୍ତି। ଏଭଳି ହିଟର୍ ଯେଉଁ ପଦ୍ଧତିରେ କାର୍ଯ୍ୟ କରିଥାଏ, ତାହା ହେଉଛି ଠିକ୍ ଏକ ଗ୍ୟାସ୍ ଚୁଲା ପରି- ଏହା ବାହାରୁ ଉତ୍ତାପ ପ୍ରୟୋଗ କରି ରନ୍ଧନ ପାତ୍ରକୁ ଉତ୍ତପ୍ତ କରିଦେଇଥାଏ, ଯେଉଁ ଉତ୍ତାପ ପାତ୍ରରେ ଥିବା ଖାଦ୍ୟପଦାର୍ଥକୁ ବାହିତ ହୋଇ ତା'ର ପାଚନ କରିଥାଏ। ଏଇ ପ୍ରକ୍ରିୟାରେ ପାତ୍ର ବାହାରେ ସୃଷ୍ଟ ଉତ୍ତାପ ଅନେକାଂଶରେ ନଷ୍ଟ ହୋଇ ଯାଉଥାଏ, ଅର୍ଥାତ୍ ବିଦ୍ୟୁତ୍ ଶକ୍ତି ଅଯଥାରେ ନଷ୍ଟ ହୋଇଥାଏ। କିନ୍ତୁ ନୂତନ ବିପ୍ଳବର ଯାହା ହେବ ସାଧନ, ତାହା ହେଉଛି- କ୍ରମେ ଅଧିକରୁ ଅଧିକ ଲୋକପ୍ରିୟତା ହାସଲ କରିଚାଲିଥିବା 'ଇଣ୍ଡକସନ୍ ଷ୍ଟୋଭ୍'। ଏହା ଯେଉଁ ସୂତ୍ର ଅବଲମ୍ବନ କରି କାର୍ଯ୍ୟ କରିଥାଏ ତାହା ହେଉଛି ଗ୍ୟାସ୍ ଷ୍ଟୋଭ୍ ଠାରୁ ସଂପୂର୍ଣ୍ଣ ଭିନ୍ନ: ଇଣ୍ଡକ୍ସନ୍ ଯୋଗୁଁ ଷ୍ଟୋଭ୍ ଉପରେ ଏକ ବିଦ୍ୟୁତ୍? ଚୁମ୍ବକୀୟ କ୍ଷେତ୍ର (ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ଫିଲ୍ଡ) ସୃଷ୍ଟି ହୋଇଥାଏ, ଯାହା ଷ୍ଟୋଭ୍ ଉପରେ ଥୁଆ ହୋଇଥିବା ପାତ୍ରର କାନ୍ଥରେ ବହୁସଂଖ୍ୟକ କ୍ଷୁଦ୍ର ବିଦ୍ୟୁତ୍ ତରଙ୍ଗମାନ ସୃଷ୍ଟି କରିଥାଏ। ଏଇ ଇଲେକ୍ଟ୍ରନ୍‌ମାନଙ୍କର ପ୍ରବାହ ପ୍ରତି ପାତ୍ର ଦ୍ୱାରା ସୃଷ୍ଟ ପ୍ରତିରୋଧ ଯୋଗୁଁ ତାହା ଉତ୍ତପ୍ତ ହୋଇ ରନ୍ଧନ ସମାପନ ହୋଇଥାଏ। ଏହି ପ୍ରକ୍ରିୟାରେ ଖୁବ୍ କମ୍ ବିଦ୍ୟୁତ୍ ଶକ୍ତି ନଷ୍ଟ ହୋଇଥାଏ: ଗ୍ୟାସ୍ ଷ୍ଟୋଭ୍?ରେ ପ୍ରାୟ ୬୦ ଶତାଂଶ ଉତ୍ତାପ ନଷ୍ଟ ହୋଇଥିବା ବେଳେ, ଇଣ୍ଡକ୍?ସନ୍ ଷ୍ଟୋଭ୍? ପ୍ରାୟ ୯୦ ଶତାଂଶ ବିଦ୍ୟୁତ୍ ଶକ୍ତିକୁ ରନ୍ଧନରେ ବ୍ୟବହୃତ ଉତ୍ତାପରେ ପରିଣତ କରିଥାଏ। 'ଏଲ୍‌ପିଜି' ପରିବହନରେ ଖର୍ଚ୍ଚ ହେଉଥିବା ଶକ୍ତିକୁ ଯଦି ହିସାବକୁ ନିଆଯାଏ, ତେବେ ଏହାର ଦକ୍ଷତାରେ ଆହୁରି ହ୍ରାସ ଘଟିଥାଏ।

ବୈଦ୍ୟୁତିକ ରନ୍ଧନ ଶୈଳୀ ବା 'ଇ-କୁକିଂ'କୁ ଆପଣାଇବା କ୍ଷେତ୍ରରେ ଏକ ପ୍ରଶ୍ନବାଚୀ ସୃଷ୍ଟି ହୋଇପାରେ-ଏହା ଦ୍ୱାରା କ'ଣ ଭାରତର ପରିବେଶ ସୁରକ୍ଷା ସଂକଳ୍ପ ବାଧାପ୍ରାପ୍ତ ହେବ? ଅଧିକ ବିଦ୍ୟୁତ୍ ଉତ୍ପାଦନ ଯୋଗୁଁ ପ୍ରଦୂଷଣ ବଢ଼ିବାର ଆଶଙ୍କାକୁ ସମ୍ପୂର୍ଣ୍ଣ ଏଡ଼ାଇ ଦିଆଯାଇ ନପାରେ। କିନ୍ତୁ ଏହାର ସମାଧାନ ମଧ୍ୟ ଆମ ପାଖରେ ଅଛି। ଭାରତ ଯେଭଳି ଭାବେ ଅକ୍ଷୟ ଶକ୍ତି (ସୌର ଓ ବାୟୁ ଶକ୍ତି) ଉତ୍ପାଦନରେ ବିଶ୍ୱରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି, ସେଥିରେ ଅଙ୍ଗାରକାମ୍ଳ ନିର୍ଗମନ ବୃଦ୍ଧିର ସମ୍ଭାବନା ଅତି କମ୍।

ଆମକୁ ମନେ ରଖିବାକୁ ହେବ ଯେ, ଜଣେ ଭାରତୀୟଙ୍କ ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର ଏବେ ବି ବିଶ୍ୱ ହାରାହାରିର ମାତ୍ର ଅଧା। ଜୀବନଧାରଣର ମାନ ବଢ଼ିବା ସହିତ ବିଦ୍ୟୁତ୍‌ର ଚାହିଦା ବଢ଼ିବା ଏକ ପ୍ରାକୃତିକ ପ୍ରକ୍ରିୟା। ଏହି ସାମଗ୍ରିକ ବ୍ୟବହାର ମଧ୍ୟରେ ରୋଷେଇ ପାଇଁ ବ୍ୟବହୃତ ବିଦ୍ୟୁତ୍‌ର ପରିମାଣ ଅତ୍ୟନ୍ତ ନଗଣ୍ୟ ହେବ। ତେଣୁ ପରିବେଶ ପ୍ରଦୂଷଣର ଦୋହାଇ ଦେଇ ଏହି ପରିବର୍ତ୍ତନକୁ ଅଟକାଇବା ଯୁକ୍ତିସଙ୍ଗତ ନୁହେଁ।

ବର୍ତ୍ତମାନର ଆନ୍ତର୍ଜାତିକ ଇନ୍ଧନ ସଙ୍କଟ ଆମ ପାଇଁ ଏକ ଶେଷ 'ସତର୍କ ସୂଚନା'। ବିଦେଶୀ ଗ୍ୟାସ୍ ଉପରେ ନିର୍ଭରଶୀଳତା କମାଇ ନିଜସ୍ୱ ବିଦ୍ୟୁତ୍ ଶକ୍ତିରେ ରୋଷେଇ ଘରକୁ ସମୃଦ୍ଧ କରିବା ହିଁ ଶ୍ରେଷ୍ଠ ବୁଦ୍ଧିମାନର କାର୍ଯ୍ୟ। ଏହି ଦ୍ୱିତୀୟ ବିପ୍ଳବ ହିଁ ଆମକୁ ପ୍ରକୃତ ଶକ୍ତି-ସ୍ୱାଧୀନତା ପ୍ରଦାନ କରିବ।

ଜାତୀୟ ଚେତନା
JATIYA CHETANA



# ଚାଷୀଙ୍କ ଉନ୍ନତି ବିନା ବିକାଶ ଅସମ୍ଭବ: ରାଜ୍ୟର ୩୪ ଲକ୍ଷ ଚାଷୀ ପାଇଲେ ୬୮୪ କୋଟି



ଭୁବନେଶ୍ୱର,(ଜା.ପ୍ର): "ଚାଷୀମାନଙ୍କ ଉନ୍ନତି ବିନା ଦେଶ କିମ୍ବା ରାଜ୍ୟର ବିକାଶ ଅସମ୍ଭବ। ଚାଷୀ ହେଉଛନ୍ତି ଆମ ସମାଜର ମେରୁଦଣ୍ଡ ଏବଂ ଆମ ଅର୍ଥନୀତିର ପ୍ରକୃତ ସାରଥୀ।" ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ପିଏମ-କିସାନ ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ଗୁଆହାଟୀଠାରୁ ଦେଶର ୯.୩୨ କୋଟି ଚାଷୀଙ୍କୁ ପିଏମ-କିସାନ ଯୋଜନାର ୨୨ତମ କିସ୍ତି ବାବଦକୁ ୧୯ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଓଡ଼ିଶାର ୩୪ ଲକ୍ଷ ୨୪ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ ଚାଷୀ ଏହି ଯୋଜନାରେ ଉପକୃତ ହୋଇଥିବା ବେଳେ ସେମାନଙ୍କ ଆକାଉଣ୍ଟକୁ ସମୁଦାୟ ୬୮୪ କୋଟି ଟଙ୍କା ପଠାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଅର୍ଥ ଚାଷୀଙ୍କୁ ବିହନ, ସାର ଏବଂ କୃଷି ଉପକରଣ କିଣିବାରେ ସହାୟକ ହେବ। ରାଜ୍ୟ ସରକାର ନିଜସ୍ୱ 'ସିଏମ-କିସାନ' ଯୋଜନା ମାଧ୍ୟମରେ ଚାଷୀଙ୍କୁ ବାର୍ଷିକ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ୫୧ ଲକ୍ଷ ୫୪ ହଜାର ହିତାଧିକାରୀଙ୍କୁ ୨୯୯୧ କୋଟିରୁ ଅଧିକ ଟଙ୍କା ଦିଆଯାଇଛି। ଏହାବ୍ୟତୀତ ଚାଷୀଙ୍କ ପିଲାମାନଙ୍କୁ ଉଚ୍ଚଶିକ୍ଷା ପାଇଁ 'କୃଷି ବିଦ୍ୟାନିଧି' ଯୋଜନାରେ ବୃତ୍ତି ପ୍ରଦାନ କରାଯାଉଛି। ଚଳିତ ଶିକ୍ଷାବର୍ଷରେ ୬୮ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ୨୯୦ କୋଟି ଟଙ୍କାର ବୃତ୍ତି ପ୍ରଦାନ କରାଯିବ, ଯାହା ଏକ ସର୍ବକାଳୀନ ରେକର୍ଡ। ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କୁ କେବଳ ଧାନ ଚାଷରେ ସୀମିତ ନରହି ଡାଲିଜାତୀୟ ଫସଲ, ପନିପରିବା ଓ ଫଳ ଚାଷ ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି ଯେ, ମୟୂରଭଞ୍ଜ ଓ ବଲାଙ୍ଗୀର ଜିଲ୍ଲାରେ ନୂତନ କୃଷି ମହାବିଦ୍ୟାଳୟ ଏବଂ ସୋନପୁର ଜିଲ୍ଲାରେ ଏକ ମତ୍ସ୍ୟ ମହାବିଦ୍ୟାଳୟ ନିର୍ମାଣ ପାଇଁ ଅନୁମତି ମିଳିଛି। ଏହି ଅବସରରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଏବଂ କୃଷି ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ରଶ୍ମି ସ୍ୱାଇଁ ଓୟୁଏସ୍ଏସ୍ଏସ୍ସି ଅଧ୍ୟକ୍ଷ

ଭୁବନେଶ୍ୱର,(ଜା.ପ୍ର): ଜମ୍ମୁ କାଶ୍ମୀରର ପୂର୍ବତନ ଡିଜିପି ରଶ୍ମି ରଞ୍ଜନ ସ୍ୱାଇଙ୍କୁ ଶୁକ୍ରବାର ଓଡ଼ିଶା ୟୁନିଫର୍ମଡ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓୟୁଏସ୍ଏସ୍ଏସ୍ସି)ର ପ୍ରଥମ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ରାଜ୍ୟରେ ବିଭିନ୍ନ ୟୁନିଫର୍ମଡ୍ ସେବା ପାଇଁ ନିଯୁକ୍ତି ତଦାରଖ ନିମନ୍ତେ ନୂତନ ଭାବରେ ସୃଷ୍ଟି ହୋଇଥିବା ଷ୍ଟାଫ୍ ସିଲେକ୍ସନ୍ କମିଶନକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ଶ୍ରୀ ସ୍ୱାଇଁଙ୍କ ନିଯୁକ୍ତିକୁ ଅନୁମୋଦନ କରିଛନ୍ତି। ସରକାର ପୂର୍ବରୁ ବିଭିନ୍ନ ୟୁନିଫର୍ମଡ୍ ସେବା ପାଇଁ ଚୟନ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ ଏବଂ ସ୍ୱଚ୍ଛ କରିବା ପାଇଁ ଯୋଜନା କରିଥିଲେ। ଓୟୁଏସ୍ଏସ୍ଏସ୍ସି ଓଡ଼ିଶା ପୁଲିସ ଏବଂ ଅନ୍ୟାନ୍ୟ ୟୁନିଫର୍ମଡ୍ ସେବାରେ ବିଭିନ୍ନ ପଦର ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ନିଯୁକ୍ତି ପରୀକ୍ଷା କରିବ। ଏଥିରେ ଗୃହ, ଅବକାରୀ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଏବଂ ବାଣିଜ୍ୟ ଓ ପରିବହନ ଭଳି ଓଡ଼ିଶା ସରକାରୀ ବିଭାଗ ଅନ୍ତର୍ଭୁକ୍ତ ରହିବ। ନୂତନ କମିଶନର କାର୍ଯ୍ୟକୁ ସମର୍ଥନ କରିବା ପାଇଁ, ରାଜ୍ୟ କ୍ୟାବିନେଟ ପୂର୍ବରୁ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଚେୟାରମ୍ୟାନ୍ ଏବଂ ସଦସ୍ୟଙ୍କ ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମ, ୨୦୨୬କୁ ଅନୁମୋଦନ କରିଥିଲା। ଏହି ନିୟମଗୁଡ଼ିକ କମିଶନର ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନିଯୁକ୍ତି ପ୍ରକ୍ରିୟାକୁ ରୂପରେଖ ପ୍ରଦାନ କରିବା ସହ ସେମାନଙ୍କର ସେବା ସର୍ତ୍ତାବଳୀକୁ ବ୍ୟାଖ୍ୟା କରିଛି। ପୂର୍ବରୁ ଓଡ଼ିଶା ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ଅଧିସୂଚିତ ଓୟୁଏସ୍ଏସ୍ଏସ୍ସି ନିୟମ, ୨୦୨୫, ୟୁନିଫର୍ମଡ୍ ସେବା ପାଇଁ ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ଢାଞ୍ଚା ପ୍ରସ୍ତୁତ କରିଥିଲା। ବିଧାନ ଅନୁଯାୟୀ, ଓୟୁଏସ୍ଏସ୍ଏସ୍ସିରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ଜଣେ ଅଧ୍ୟକ୍ଷ ଏବଂ ଦୁଇଜଣ ସଦସ୍ୟ ରହିବେ। ୧୯୯୧ ବ୍ୟାଚ୍ର ଶ୍ରୀ ସ୍ୱାଇଁ ରାଉରକେଲାର ବାସିନ୍ଦା ହୋଇଥିବା ବେଳେ ସେ ୨୦୨୩ ମସିହାରେ ଜମ୍ମୁ କାଶ୍ମୀର ଡିଜିପି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ୧୯୯୧ ବ୍ୟାଚର ଓଡ଼ିଶା କ୍ୟାଡର ଆଇପିଏସ୍ ଶ୍ରୀ ସ୍ୱାଇଁ ୨୦୨୪ରେ ଅବସର ନେଇଥିଲେ। ଶ୍ରୀ ସ୍ୱାଇଁ ଜାମ୍ମୁ, ଶ୍ରୀନଗର, ଲେହ, ପୁଞ୍ଚ ଏବଂ ରାମବାନ ଜିଲ୍ଲାରେ ଏସଏସପି ଭାବରେ କାର୍ଯ୍ୟ କରି ଦେଶରେ ଚର୍ଚ୍ଚିତ ଚେହେରା ହୋଇଥିଲେ। ଶ୍ରୀ ସ୍ୱାଇଁ ଆତଙ୍କବାଦ ବିରୋଧରେ ତାଙ୍କର କଠୋର ଆଭିମୁଖ୍ୟ ପାଇଁ ଜଣାଶୁଣା ଏବଂ ଜାମ୍ମୁ କାଶ୍ମୀରରେ ଆତଙ୍କୀ ପାଣ୍ଠି ନେଟୱାର୍କ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

# ଶିଳ୍ପ ବିଭାଗ ପାଇଁ ୧୫୧୭ କୋଟିର ବଜେଟ୍ ମଞ୍ଜୁର: ଲକ୍ଷ୍ୟ 'ବିକଶିତ ଓଡ଼ିଶା ୨୦୩୬'

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ବିଧାନସଭାରେ ଶିଳ୍ପ ବିଭାଗର ୧୫୧୭ କୋଟି ଟଙ୍କାର ବ୍ୟୟ ବରାଦ ପ୍ରସ୍ତାବ ପାରିତ ହୋଇଛି। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଏହି ବଜେଟ୍ ଆକଳନ ଉପସ୍ଥାପନ କରି କହିଛନ୍ତି ଯେ, ସରକାରଙ୍କ ଶିଳ୍ପ ରଣନୀତି 'ବିକଶିତ ଓଡ଼ିଶା ୨୦୩୬'ର ଦୀର୍ଘକାଳୀନ ପରିକଳ୍ପନା ସହ ଜଡ଼ିତ। ଏହି ଲକ୍ଷ୍ୟ ହାସଲ ପାଇଁ 'ଉତ୍କର୍ଷ ଓଡ଼ିଶା – ମେକ୍ ଇନ୍ ଓଡ଼ିଶା' ପାଇଁ ୧୨୫ କୋଟି ଏବଂ ଶିଳ୍ପ ପ୍ରକଳ୍ପ ପାଇଁ ଜମି ସଂରକ୍ଷଣ ଲକ୍ଷ୍ୟରେ 'ଲ୍ୟାଣ୍ଡ ବ୍ୟାଙ୍କ' ଯୋଜନା ଅଧୀନରେ ୧୦୧.୭୨ କୋଟି ଟଙ୍କା ବରାଦ କରାଯାଇଛି। ସେହିପରି ଶିଳ୍ପ ଓ ଚଳଚ୍ଚିତ୍ର ନୀତି ପ୍ରୋତ୍ସାହନ ପାଇଁ ୧୨୩.୨୦ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି।

'ଉତ୍କର୍ଷ ଓଡ଼ିଶା – ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୫' ରାଜ୍ୟର ପୁଞ୍ଜିନିବେଶ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି, ଯେଉଁଠାରେ ୧୬.୭୩ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ଏହାଦ୍ୱାରା ପ୍ରାୟ ୧୨.୮୮ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ଶିଳ୍ପ ଭିତ୍ତିଭୂମିକୁ ମଜବୁତ କରିବା ପାଇଁ ରକ୍ଷଣାବେକ୍ଷଣ ପାଣ୍ଠି ବାବଦକୁ ୧୬୦ କୋଟି ଏବଂ ପାଇପ୍ଲାଇନ୍ ଓ ବିଦ୍ୟୁତ ଯୋଗାଣ ଭଳି ବାହ୍ୟ ଭିତ୍ତିଭୂମି ବିକାଶ ପାଇଁ ୧୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଶିଳ୍ପ ଶ୍ରମିକମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ ଓ କ୍ଲଷ୍ଟର ବିକାଶ ପାଇଁ ୨୪୩ କୋଟି ଟଙ୍କା ବ୍ୟୟ କରାଯିବ। ଏହି ବଜେଟରେ ରାଜ୍ୟର ପାରମ୍ପରିକ ଏବଂ ଆଧୁନିକ ଶିଳ୍ପ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ପ୍ରୟାସ କରାଯାଇଛି। ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ସରକାର କେବଳ ବଡ଼ ଶିଳ୍ପ ନୁହେଁ ବରଂ ମଧ୍ୟମ ଓ କ୍ଷୁଦ୍ର ଶିଳ୍ପର ବିକାଶ ଉପରେ ମଧ୍ୟ ସମାନ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ବିଭିନ୍ନ ଶିଳ୍ପାଞ୍ଚଳରେ ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ଶ୍ରମିକମାନଙ୍କ ରହିବା ପାଇଁ ଉନ୍ନତ ମାନର ହଷ୍ଟେଲ ଏବଂ ଟାଉନସିପ୍ ନିର୍ମାଣ କରାଯାଉଛି। ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଶିଳ୍ପ ହବ୍ ଭାବେ ଗଢ଼ିତୋଳିବା ପାଇଁ ସରକାର ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବ୍ୟବସ୍ଥାକୁ ଅଧିକ ସରଳ ଓ ସ୍ୱଚ୍ଛ କରିଛନ୍ତି।

ଅନୁଗୋଳସ୍ଥିତ ଆଲୁମିନିୟମ୍ ପାର୍କର ସମ୍ପ୍ରସାରଣ ପାଇଁ ୯୦ କୋଟି, ଶିଳ୍ପ କରିଡର ପାଇଁ ୪୦ କୋଟି ଏବଂ କଳିଙ୍ଗ ଷ୍ଟୁଡିଓର ପୁନଃବିକାଶ ପାଇଁ ୪୫ କୋଟି ଟଙ୍କାର ପ୍ରସ୍ତାବ ରହିଛି। ନୂତନ ପଦକ୍ଷେପ ସ୍ୱରୂପ ଶିଳ୍ପ ଟାଉନସିପ୍ ନିର୍ମାଣ ପାଇଁ ୧୦ କୋଟି ଏବଂ ଜିଲ୍ଲା ପୁଞ୍ଜିନିବେଶ ପ୍ରୋତ୍ସାହନ ଏଜେନ୍ସି ପାଇଁ ୨୧ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଏସଜିଏସଟି ଫେରସ୍ତ, ବିଦ୍ୟୁତ ଶୁଳ୍କ ଛାଡ଼ ଓ ପୁଞ୍ଜିନିବେଶ ସବସିଡି ଭଳି ପ୍ରତିଯୋଗିତାମୂଳକ ପ୍ରୋତ୍ସାହନ ଜାରି ରଖି ଓଡ଼ିଶାକୁ ଭାରତର ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଗଢ଼ିତୋଳିବାକୁ ବିଭାଗ ପ୍ରୟାସ କରୁଛି। ଆଗାମୀ ଦଶନ୍ଧି ମଧ୍ୟରେ ରାଜ୍ୟର ଜିଡିପିରେ ଶିଳ୍ପ କ୍ଷେତ୍ରର ଅବଦାନକୁ ଯଥେଷ୍ଟ ବୃଦ୍ଧି କରିବା ପାଇଁ ଏହି ବଜେଟରେ ଦୂରଦୃଷ୍ଟି ସମ୍ପନ୍ନ ଯୋଜନାମାନ ପ୍ରସ୍ତୁତ କରାଯାଇଛି।

# ରବୀନ୍ଦ୍ର ଆସିଲେ, ଜୀବନ ଛାଡ଼ିଲେ

ଭୁବନେଶ୍ୱର,(ଜା.ପ୍ର): ବାଲେଶ୍ୱରର ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ ବିଜେପିରୁ ଇସ୍ତଫା ଦେଇଛନ୍ତି। ଶୁକ୍ରବାର ବାଲେଶ୍ୱର ସହର ରାଣୀପାଟଣାସ୍ଥିତ କଲ୍ୟାଣ ମଣ୍ଡପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ଘୋଷଣା କରିଛନ୍ତି। ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ବିଜେପିରେ ସାମିଲ ହେବାର ଦୁଇ ଦିନ ପରେ ସେ ଇସ୍ତଫା ଦେଇଛନ୍ତି। ରବୀନ୍ଦ୍ର ଜେନାଙ୍କୁ ଦଳରେ ସାମିଲ କରାଯିବାରୁ ସେ କ୍ଷୁବ୍ଧ ହୋଇ ଇସ୍ତଫା ଦେବା ସହ ବିଜେପି ଉପରେ ଖୁବ୍ ବର୍ଷିଛନ୍ତି।

ସୂଚନା ଅନୁସାରେ ଶ୍ରୀ ଦାଶ ପ୍ରଥମେ ବିଜେପିର ସଭ୍ୟ ଥିଲେ। ପରବର୍ତ୍ତୀ ସମୟରେ ସେ ବିଜୁ ଜନତା ଦଳରେ ଯୋଗ ଦେଇଥିଲେ। ଦୀର୍ଘବର୍ଷର ବ୍ୟବଧାନ ପରେ ଶ୍ରୀ ଦାଶ ୨୦୨୧ରେ ପୁଣି ବିଜେପିକୁ ଫେରିଥିଲେ। ଗତ ୫ ବର୍ଷଧରି ଦଳର ନିର୍ଦ୍ଦେଶ ମୁତାବକ ଦଳୀୟ କାର୍ଯ୍ୟ ମଧ୍ୟ କରୁଥିଲେ। କିନ୍ତୁ ପୂର୍ବତନ ବାଲେଶ୍ୱର ସାଂସଦ ଇଂ. ରବୀନ୍ଦ୍ର କୁମର ଜେନାଙ୍କ ବିଜେପିରେ ଯୋଗଦାନକୁ ସହଜରେ ସେ ଗ୍ରହଣ କରିପାରିନାହାନ୍ତି।

ସେ କହିଛନ୍ତି ଯେ ଓଡ଼ିଶାରେ ୨୦୨୪ ନିର୍ବାଚନରେ ପାର୍ଟି କ୍ଷମତାକୁ ଆସିଲା ପରେ ଏହାର ଯେଉଁ ନୈତିକ ପତନ ହୋଇଛି, ମୁଁ ନିଜକୁ ସେଥିରେ ସହମତ କରିପାରୁ ନାହିଁ। ଜଣେ ଚିଟ୍ଫଣ୍ଡ ଅଭିଯୁକ୍ତ, ଯାହାଙ୍କ ଉପରେ ସିବିଆଇ କେସ୍ ଚାଲିଛି, ଯିଏ ଜାମିନରେ ଅଛନ୍ତି, ତାଙ୍କୁ ଦଳରେ ସାମିଲ କରି ଦଳ ତା'ର 'ମୂଲ୍ୟବୋଧ ରାଜନୀତି' ବିଚାରଠାରୁ ବହୁ ଦୂରକୁ ଚାଲି ଯାଇଛି। କ୍ଷମତାର ମୋହର ଅନ୍ଧ ହୋଇ, ଅହଙ୍କାରର ବଶବର୍ତ୍ତୀ ହୋଇ ରାଜ୍ୟ ନେତୃବୃନ୍ଦ ସମଗ୍ର ନୈତିକତା ହରାଇଛନ୍ତି। ଉକ୍ତ ବ୍ୟକ୍ତିଙ୍କ ଘରେ ସିବିଆଇ ରେଡ୍ କଥା ସମସ୍ତେ ଜାଣିଛନ୍ତି। ସେ ଆହୁରି କହିଛନ୍ତି, ଆଗାମୀ ରାଜ୍ୟସଭା ନିର୍ବାଚନରେ ତୃତୀୟ ପ୍ରାର୍ଥୀ ପାଇଁ ଆବଶ୍ୟକ ସଂଖ୍ୟା ନ ଥିବା ସମୟରେ ଘୋଡ଼ା ବେପାରକୁ ପ୍ରଶ୍ରୟ ଦେଇ ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ବିଜେପିର ବିଚାର 'ଗଣତନ୍ତ୍ର'ର ସୁରକ୍ଷା। କିନ୍ତୁ ଦଳର ଆଭ୍ୟନ୍ତରୀଣ ଗଣତନ୍ତ୍ର ଲୋପ ପାଇସାରିଛି। ନେତାଙ୍କ କଥାରେ ସଭାପତି ଚୟନ କରାଯାଉଛି। ଏବେ ରାଜ୍ୟସଭା ନିର୍ବାଚନରେ ପାର୍ଟି ସମସ୍ତ ନୀତି ଓ ନୈତିକତା ହରାଇଛି। ଏଭଳି ପରିସ୍ଥିତିରେ ମୁଁ ଅଧିକ ସମୟ ଏ ଦଳରେ ରହିପାରୁ ନାହିଁ। ତେଣୁ ଭାରତୀୟ ଜନତା ପାର୍ଟିରୁ ସାଧାରଣ ସଦସ୍ୟ ପଦରୁ ଇସ୍ତଫା ଦେଇଛି।

ଅନ୍ୟପକ୍ଷରେ ସାଂସଦ ପ୍ରତାପ ଷଡ଼ଙ୍ଗୀ ମଧ୍ୟ ରବୀନ୍ଦ୍ର ଜେନାଙ୍କ ବିଜେପିରେ ମିଶ୍ରଣ ନେଇ କେହି ମୋ ସହମତି ମାଗି ନାହାନ୍ତି କହି ଅସନ୍ତୋଷ ଝାଡ଼ିଛନ୍ତି। ଶ୍ରୀ ଷଡ଼ଙ୍ଗୀ କହିଛନ୍ତି ବିଜେପିରେ ରବୀନ୍ଦ୍ରଙ୍କ ମିଶ୍ରଣ ନେଇ ଖାଲି ସୂଚନା ଦିଆଯାଇଛି, ମୋ ସହମତି ମଗାଯାଇନି। ମୁଁ ଜାଣିନି କ'ଣ ହୋଇଛି ବୁଝାମଣା। ଏମିତିକି ରବୀନ୍ଦ୍ର ସାମିଲ ହେବା ପରେ ଯେ ଦଳର ଲାଭ ହେବ ସେ ସମ୍ଭାବନା ବି ଦେଖୁନି କହି ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଶୁଦ୍ଧତା ରକ୍ଷା କରିବା କହି ପରୋକ୍ଷରେ ରବୀନ୍ଦ୍ରଙ୍କ ଚିଟଫଣ୍ଡ୍ ଲିଙ୍କକୁ ଇଙ୍ଗିତ କରିଛନ୍ତି। କେବଳ ସେତିକି ନୁହେଁ ବାଲେଶ୍ୱର ବିଜେପିରେ ଅସନ୍ତୁଷ୍ଟ ଥିବା ନେତା ଏପରିକି ଜୀବନ ପ୍ରଦୀପଙ୍କୁ ଦଳ ନଛାଡ଼ିବାକୁ ବୁଝାଇଛି ବୋଲି କହିଛନ୍ତି ପ୍ରତାପ।

# ବାଲିଘାଟ ଜଗିବେ ଓଡ଼ିଶା ଶିଳ୍ପ ସୁରକ୍ଷା ବଳ

ଭୁବନେଶ୍ୱର,(ଜା.ପ୍ର): ବେଆଇନଯ୍ ବାଲି ଚୋରାଚାଲାଣ ରୋକିବା ପାଇଁ ସରକାର କଠୋର ହୋଇଛନ୍ତି। ବିଭିନ୍ନ ଜିଲ୍ଲାରେ ବାଲିଘାଟ ଜଗିବା ଦାୟିତ୍ୱ ଓଡ଼ିଶା ଶିଳ୍ପ ସୁରକ୍ଷା ବଳ (ଓଆଇଏସଏଫ)କୁ ପ୍ରଦାନ କରାଯିବ। ଏଥିପାଇଁ ଖଣି ବିଭାଗ ପକ୍ଷରୁ ଗୃହ ବିଭାଗକୁ ଅନୁରୋଧ କରାଯାଇଛି। ଶୁକ୍ରବାର ବିଧାନସଭାରେ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ୨୦୨୪-୨୫ରେ ସରକାର ନିଲାମ ହୋଇଥିବା ବାଲିଘାଟରୁ ୧୧୨.୧୪ କୋଟି ଟଙ୍କାର ରାଜସ୍ୱ ପାଇଥିବା ବେଳେ ଚୋରା କାରବାର କରୁଥିବା ଲୋକଙ୍କଠାରୁ ୬୪.୦୪ କୋଟି ଟଙ୍କାର ଜୋରିମାନା ଆଦାୟ କରାଯାଇଛି। ଏନେଇ ୧୧,୨୨୩ ଥର ଚଢ଼ଉ କରାଯାଇ ୧୦,୪୦୫ ଗାଡ଼ି ଜବତ କରାଯାଇଛି ଏବଂ ୧୧୦୧ ଜଣଙ୍କୁ ଗିରଫ କରାଯାଇଛି। ବେଆଇନ ବାଲିଘାଟକୁ ନେଇ ଅପରାଧୀମାନେ ରକ୍ତମୁଖା ହେଉଛନ୍ତି। ଓଏମ୍ଏମ୍ସି-୨୦୧୬ ନିୟମକୁ ସଂଶୋଧନ କରି ଖଣି ବିଭାଗର ଅଧିକାରୀଙ୍କ ବ୍ୟତୀତ ଅତିରିକ୍ତ ତହସିଲଦାର, ପୋଲିସ ସବ୍ଇନ୍ସପେକ୍ଟର ଓ ତାଙ୍କ ଉପରିସ୍ଥ ଅଧିକାରୀଙ୍କୁ ଚଢ଼ଉ ଓ ବେଆଇନ ଖଣିଜ ଜବତ କରିବା ପାଇଁ କ୍ଷମତା ଦେବାକୁ ପଦକ୍ଷେପ ନିଆଯାଇଛି। ଜିଲ୍ଲାସ୍ତରରେ ଖଣି ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ସୁରକ୍ଷା ବଳ ଯୋଗାଇ ଦେବା ପାଇଁ ବିଭାଗ ଯୋଜନା କରିଛି। ଏଥିପାଇଁ ୫୭ ସେକ୍ସନ ଓଆଇଏସ୍ଏଫ୍ ନିୟୋଜନ କରିବା ପାଇଁ ଗୃହ ବିଭାଗକୁ ଅନୁରୋଧ କରାଯାଇଛି। ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରୁ କିଛି ପଡ଼ୋଶୀ ରାଜ୍ୟ ଓ ବିଦେଶକୁ ବି ବାଲି ରପ୍ତାନି ହେଉଛି।

ଜାତୀୟ ଚେତନା
JATIYA CHETANA



# ଈଶ୍ୱରଙ୍କ ଖୁସିର ରଙ୍ଗ



ଈଶ୍ୱରଙ୍କ ମନ ଖୁସି କରିବାକୁ ଯାଇ ନାରଦ ମୁନି କହିଲେ ପ୍ରଭୁ ଟିକେ ଧରା ପୃଷ୍ଠରେ ବୁଲି ଆସନ୍ତୁ ଭଲ ଲାଗିବ। ଧରା ରେ ଏବେ ମଣିଷ ମାନେ ତାଙ୍କ କ୍ୟାଲେଣ୍ଡର ଅନୁଯାୟୀ ନବବର୍ଷକୁ ସ୍ୱାଗତ କରିବାକୁ ଯାଇ କେତେ କୁଆଡେ ଯାଉଛନ୍ତି। ଆପଣ ନିଜ ହାତ ଗଢ଼ା ସୃଷ୍ଟି ଆଡ଼େ ଟିକେ ନଜର ଘୁରାଇ ଆଣିଲେ ହୁଅନ୍ତାନି ମହାପ୍ରଭୁ !ବିଷ୍ଣୁ କହିଲେ ସେକଥା କଣ ମୁଁ ଭାବିନାହିଁ ମୁନିବର। ହେଲେ ଆଜିକାଲି ଏ ମଣିଷର ରଙ୍ଗ ଢଙ୍ଗ ଦେଖି ମତେ ଆଉ କିଛି ଭଲ ଲାଗୁନି। ସେମାନଙ୍କୁ ସୃଷ୍ଟି କରିବା ସମୟରେ ସବୁ ତ ଦିଆଗଲା। ବିଦ୍ୟା,ବୁଦ୍ଧି, ବଳ, କଳ, ସୌନ୍ଦର୍ଯ୍ୟ ସହିତ ପ୍ରକୃତିରେ ନଦୀ, ଝରଣା, ପାହାଡ଼ ପର୍ବତ, ଫୁଲ, ଫଳ, ଜଳ, ସ୍ଥଳ, ଆକାଶ, ଗଛ ଇତ୍ୟାଦି ରଖାଗଲା ହେଲେ ମଣିଷ ଆଉ ଆଗପରି ନିଜ ବୃଦ୍ଧି ବିସ୍ତାର ନକରି ସେ 'ଏ। ଆଇ' ପଛରେ ପଡି ସୁଦୁ ବୁଦ୍ଧୁ ହୋଇଗଲାଣି। ନିଜ ମସ୍ତିଷ୍କ ଚାଳନା କରି ବୁଦ୍ଧି ବିଦ୍ୟା ଖଟେଇ ପ୍ରାକୃତିକ ପରିବେଶରେ ସ୍ୱକୀୟ ବୁଦ୍ଧିମତ୍ତା ବଳରେ ଆଗରୁ ଯେମିତି ଉଦ୍ଭାବନ ଓ ଆବିଷ୍କାର କରି ସମୟ ସ୍ରୋତ ସହିତ ଅନୁକୂଳ ପରିସ୍ଥିତି ସୃଷ୍ଟି କରି ସୃଷ୍ଟିକୁ ମୋର ଆଗେଇ ନେଉଥିଲା ଏବେ ଆଉ ତାହା ନକରି ମାଗିଆଣିବା ତିଅଣ ହାପୁଡାଏ ପରି ସେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପଛରେ ପଡିଛି ଭାବି ମୋ ଖୁସିର ରଙ୍ଗ ପାଣିଚିଆ ହୋଇଗଲାଣି। ସେତିକି ବେଳକୁ ପୁଣି ମହେଶ୍ୱର ଓ ବ୍ରହ୍ମା ଆଉ ମତେ ସାଥ ନଦେବାରୁ ଅନ୍ୟ ତେତ୍ରୀଶ ସହ ଦେବଦେବୀ ମଧ୍ୟ ତାଙ୍କ ପକ୍ଷ ନେଇ ସୃଷ୍ଟିର ଧ୍ୱଂସ ଚାହିଁଲେଣି। ଦେଖୁନ ଯୁଦ୍ଧ, ସନ୍ତ୍ରାସ, ଆତଙ୍କ, କରୋନା,ଭାଇରସ, ଭାଇରଷ୍ଟ, ମହାମାରୀ ସହିତ ପ୍ରକୃତି ମଧ୍ୟ ଆଜି ଅସନ୍ତୁଳନ ରେ ରହୁଛି। ଆଉ ଖରା ବର୍ଷା, ଶୀତ କଣ ଋତୁ ଅନୁଯାୟୀ ହେଉଛି !ଏସବୁ ଦେଖି ମନରେ ଓ ହୃଦୟରେ ଖୁସି ଆସିବ କାହୁଁ କୁହନ୍ତୁ ଦେବର୍ଷି !ନାରଦ ତଥାପି କହିଲେ ମହାଭାଗ ଟିକେ ନହେଲେ ପ୍ରକୃତି ଆଡ଼େ ବୁଲି ଆସନ୍ତୁ.ସେମାନେ ତ କେବେ ସେ ଏ। ଆଇ ପରି ଅପ୍ରାକୃତିକ ବୁଦ୍ଧିମତ୍ତା ର ଶୀକାର ହୋଇନଥିବେ ନା !ଥରେ ଯାଇ ଦେଖନ୍ତୁ ଦେଖିବେ ଆପଣଙ୍କ ସୃଷ୍ଟି ଅନୁଧ୍ୟାନ କରି ମୁହଁରେ ଖୁସିର ମିଠା ରଙ୍ଗ ବୋଳି ହୋଇ ଆସିବେ। ନାରଦଙ୍କ ନାରାୟଣ, ନାରାୟଣ ନାରାୟଣ ଉଚ୍ଚାରଣ ସହିତ ତାଙ୍କ ଆବେଗ ପୂର୍ଣ୍ଣ ଅନୁରୋଧ ଏଡେଇ ନପାରି ସେଦିନ ବିଷ୍ଣୁ ସ୍ୱୟଂ ଗୋଟେ ଜଙ୍ଗଲ ରେ ପହଁଚିଲେ।

ସେହି ଜଙ୍ଗଲରେ ଦେଖିଲେ ତିନିଗୋଟି ଗଛ ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଉଛନ୍ତି। ପ୍ରଥମ ଗଛ ଗୋଟିଏ ଏମିତି ଗଛ ଥିଲା ଯିଏ ବହୁତ ଝଙ୍କାଳିଆ ଓ ମୋଟା। ଦ୍ୱିତୀୟ ଗଛଟି ଖୁବ ଡେଙ୍ଗା ଓ ତୃତୀୟ ଗଛଟି ଖୁବ ଗେଡା ଓ ଛୋଟ ଥିଲା। ତାଙ୍କ ରୂପ ଏମିତି ହୋଇଥିବାରୁ ସେମାନେ ବୋଧେ ଶ୍ରୀହରୀ ଶ୍ରୀବିଷ୍ଣୁ ଙ୍କୁ ଗାଳି ଦେଉଛନ୍ତି ଭାବି ସେଠାରୁ ବିଷ୍ଣୁ ସ୍ୱୟଂ ଚାଲିଯାଉଥିବା ବେଳେ ନାରଦ ପଛରୁ ଭିଡି ଧରି ତାଙ୍କ କଥା ଟିକେ ଶୁଣିବାକୁ ଶ୍ରୀହାରୀ ଙ୍କୁ ଅନୁରୋଧ କରନ୍ତେ ବିଷ୍ଣୁ ଶୁଣିଲେ ପ୍ରଥମ ମୋଟା ଗଛଟି କହୁଛି ମୋର ଗୋଟେ ସ୍ୱପ୍ନ ଅଛି। ମୋ ଦେହର ଗଣ୍ଡିରେ ପଟା ସବୁ ହୋଇ ମସ୍ତବଡ଼ ସିନ୍ଦୁକ ଟିଏ ତିଆରି ହୋଇ ସେଥିରେ ସୁନା, ରୁପା, ମୋତି, ମାଣିକ, ହୀରା, ଲୀଳା ଆଦି ରହିପାରିବା ସହ ପୋଖରାଜ, ପ୍ରବାଳ ଆଦି ଅଷ୍ଟରତ୍ନ ଧାତୁ ରହିପାରିଲେ ମୋ ଜୀବନ ସାର୍ଥକ ହୁଅନ୍ତା। ଦ୍ୱିତୀୟ ଡେଙ୍ଗା ଗଛଟି କହୁଥାଏ ମୋର ମଧ୍ୟ ତୁମ ପରି ସ୍ୱପ୍ନଟି ହେଲା ମୋ ଦେହର ଲମ୍ବା ଲମ୍ବା ପଟାରେ ନିର୍ମିତ ସିନ୍ଦୁକ ଭିତରେ ଖାଲି ଟଙ୍କା ଓ ଟଙ୍କା ବିଡା ରୁହନ୍ତା ଯାହା ଫଳରେ ମତେ ସବୁଠୁ ବଡ଼ ଟ୍ରେଜେରୀ ର ମାନ୍ୟତା ମିଳିପାରନ୍ତା। ଏଇ ଦୁଇ ଗଛର କଥା ଶୁଣି ଶ୍ରୀବିଷ୍ଣୁ ଙ୍କ ମୁହଁ ର ରଙ୍ଗ ଧୂସରିଆ ପଡି ଯାଉଥିବା ବେଳେ ତୃତୀୟ ଛୋଟ ଗଛଟି କହୁଥାଏ ମୋର ସ୍ୱପ୍ନ କିନ୍ତୁ ଟିକେ ଭିର୍ନ୍ନ। ମୋର ଇଛା ଈଶ୍ୱର ଯେଉଁ ଉଦେଶ୍ୟ ନେଇ ମତେ ସୃଷ୍ଟି କରିଛନ୍ତି ସେହି ଉଦେଶ୍ୟ ପୁରଣ କରି ମୋ ଉପରେ ସମସ୍ତ ପକ୍ଷୀ କୂଳ ଆଶ୍ରୟ ନେବା ସହ ତଳେ ପଥିକ ମାନେ ଖରା, ବର୍ଷା, ଶୀତରୁ ରକ୍ଷା ପାଇ ଘଡିଏ ବସିଯାଇ ପାରନ୍ତେ ମୋ ଛାଇରେ। କେବେ ଥକ୍କା ମେଣ୍ଟେଇବାକୁ ତ କେବେ ଦୁଃଖେ ସୁଖ ହେବାକୁ ପୁଣି ବୁଦ୍ଧି ଖଟେଇ ବିପଦ ର ମୁକାବିଲା କରୁଥାଆନ୍ତେ ତ ନିଜ ନିଜ ଭିତରେ ହେଉ ଅବା ଦେଶ ଦେଶ ଭିତରେ ହେଉ କଳି ଭାଙ୍ଗିବାର ସମାଧାନ ପନ୍ଥା ନିର୍ଣ୍ଣୟ କରୁଥାଆନ୍ତେ। ସେମାନଙ୍କ କଥା ବାର୍ତ୍ତା ରୁ ବୁଦ୍ଧି ଶିଖି ଉପରେ ଥିବା ଜାତି ଜାତି ପକ୍ଷୀ ନିଜ ନିଜ ଭିତରେ ଗଣ୍ଡଗୋଳ କରିବାରୁ ନିବୃତ୍ତ ରହିବା ସହ ମୋ ଡ଼ାଳ ରେ ଆଶ୍ରୟ ନେଇଥିବା ଅନେକ ଜାତି ଜାତି ସରୀସୃପ, କୀଟପତଙ୍ଗ ଓ ମାଙ୍କଡ଼ ନିଜ ନିଜ ରାସ୍ତାରେ ତଥା ନିଜ ନିଜ କର୍ମ ରେ ନିମଗ୍ନ ରହି ଶାନ୍ତି ପ୍ରୀତି ସୌହାର୍ଦ୍ଦ୍ୟ ବାଣ୍ଟି ଚାଲୁଥାଆନ୍ତେ.ଆଉ ମୁଁ ମରିଗଲା ପରେ ମୋ ଦେହର ପଟାରେ ସର୍ବସାଧାରଣ ଙ୍କ ପାଇଁ ରାସ୍ତା ସହିତ ବହି ଘର ଟିଏ କରି ମ୍ୟୁଜିଅମ ରେ ରଖା ଯାଆନ୍ତା। ଈଶ୍ୱର ଙ୍କ ମୁହଁ ରେ ଫୁଟି ଉଠୁଥିଲା ଖୁସିର ସାତରଙ୍ଗୀ ରଙ୍ଗ। ନାରଦ କହୁଥିଲେ ଏଇ ଗଛ ପରି ଅନେକ ମଣିଷ, ପକ୍ଷୀ, ପଶୁ, ସରୀସୃପ, କୀଟ ତଥା ପ୍ରକୃତି ଭିତରେ ଏମିତି ଭାବନା ଓ କର୍ମ ପ୍ରବଣତା ଧାରା ଏବେବି ବହୁଥିବାରୁ ଆପଣଙ୍କ ସୃଷ୍ଟି ତଥାପି ବଞ୍ଚିଛି ମହାଭାଗ। ନାରାୟଣ ନାରାୟଣ ନାରାୟଣ କହି ଫେରିବାକୁ ଉଦ୍ୟତ ହେଉଥିଲେ ନାରଦ ବିଷ୍ଣୁଙ୍କୁ ନେଇ ସରଗପୁର.ଏଣେ ଓଡ଼ିଶାର ଲୋକମାନେ ଖୁସି ମନାଉଥିଲେ ଯୋଉଠି ପ୍ରଭୁ ଶ୍ରୀବିଷ୍ଣୁ ଜଗନ୍ନାଥ ରୂପେ ନୀଳାଚଳଧାମ ପୁରୀରେ ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ସହିତ ବିଦ୍ୟମାନ।

ଏଥର ନାରଦ ମୁନି ଶ୍ରୀ ବିଷ୍ଣୁ ଙ୍କୁ ସ୍ୱର୍ଗକୁ ଫେରିଯିବାକୁ କହୁଥିବା ବେଳେ ଶ୍ରୀ ବିଷ୍ଣୁ କହୁଥିଲେ ରୁହନ୍ତୁ ମୁନିବର ଟିକେ ପକ୍ଷୀକୂଳ କଣ କରୁଛନ୍ତି ଦେଖି କି ଯିବା। ସେହି ସମୟରେ ପାର୍ଶ୍ୱରେ ଥିବା ମସଜିଦ ର ପାରା ମାନେ ପାଖ ଗୀର୍ଜା କୁ ଉଡିଯିବାକୁ ଚିନ୍ତା କରୁଥାନ୍ତି.କାରଣ ଟି ଥିଲା ମସଜିଦ କାନ୍ଥରେ ଗଛ ଉଠି କାନ୍ଥ ଫାଟିବାକୁ ବସିଥିଲା। ତାହା ମରାମତି ହେବାକୁ ଯାଉଛି ବୋଲି ସେଠାରେ ଥିବା ପାରାମାନେ ଶୁଣି ସାରି ଟିକେ ଅଳ୍ପ ଦୂରରେ ଥିବା ଗୀର୍ଜାକୁ ବାଛି ଥିଲେ। ସେତେ ବେଳେ ସେଠାରେ ଆଗରୁ ବସବାସ କରୁଥିବା ପାରାମାନେ ସେମାନଙ୍କୁ ସ୍ୱୀକୃତି ଦେବେ କି ନାହିଁ ମସଜିଦ ରେ ଥିବା ପାରା ସବୁ ଭାବୁଥିଲା ବେଳେ ଉଡିଯାଇ ଗୀର୍ଜାକୁ ଅନୁଭବ କଲେ ଯେ ସେଠାରେ ଆଗରୁ ଥିବା ପାରାମାନେ ତାଙ୍କୁ ସ୍ୱାଗତ କରିଥିଲେ। କିଛି ଦିନ ସେଠାରେ ବସବାସ କରିବା ପରେ ଏବେ ପୂର୍ବ ଓ ପରେ ମିଶିଥିବା ପାରାଦଳ ଶୁଣିବାକୁ ପାଇଲେ ଯେ ଏହି ଗୀର୍ଜା ବହୁ ନିକଟ ଭବିଷ୍ୟତରେ ରଙ୍ଗ ହେବାକୁ ଯାଉଥିବାରୁ ଏଠାରୁ ଅନ୍ୟ ଆଡ଼େ ନଗଲେ ଚଳିବନି। ସେମାନେ ଦେଖିଲେ ଅଦୂରରେ ମନ୍ଦିର ଚୂଡ଼ା ଦେଖା ଯାଉଛି। ପତିତ ପାବନ ବାନା ଉଡୁଛି କିନ୍ତୁ ସେଠାରେ ମଧ୍ୟ ଦଳେ ପାରା ବସବାସ କରୁଛନ୍ତି। ଦ୍ୱିଧା ମନ ନେଇ ଗୀର୍ଜା ଓ ଆଗରୁ ମସଜିଦ ରେ ରହୁଥିବା ପାରାଦଳ ଏକ ଦଳ ବୋଲାଇ ମନ୍ଦିର ରେ ରହିବାକୁ ଯାଇ ଦେଖିଲେ ଅତିଥି ଦେବୋ ଭବଃ ନ୍ୟାୟରେ ଆଗରୁ ଥିବା ପାରାମାନେ ତାଙ୍କୁ ନିଃସଂକୋଚ ରେ ଖାଲି କୋଳେଇ ନେଲେ ନୁହଁ ବରଂ ଆହାର ଓ ପାଣି ଯୋଗେଇ ଦେଇଥିଲେ। ଶ୍ରୀହରୀ ଶ୍ରୀବିଷ୍ଣୁ ହସୁଥିଲେ ଟହ ଟହ ହସ କାରଣ ସେ ମନ୍ଦିର ରେ ଜଗନ୍ନାଥ ବେଶରେ ନିଜେ ହିଁ ଥିଲେ କାଳିଆ ଠାକୁର ବୋଲାଇ ତ ଏସବୁ ଦେଖି ନାରଦ କହୁଥିଲେ ଓଡିଶାରେ ଆପଣ ବିଦ୍ୟମାନ ବୋଲି ସର୍ବଧର୍ମ ସମନ୍ୱୟ ର ପ୍ରତୀକ ପାରାପକ୍ଷୀ ଙ୍କ ଆଚରଣ ଓ ଉଚ୍ଚାରଣ ଜଣେଇଦେଉଛି ଏପର୍ଯ୍ୟନ୍ତ ଏମାନେ 'ଏ। ଆଇ' ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ର ଶୀକାର ନହୋଇ ପ୍ରୀତି ମୈତ୍ରୀ ଓ ଭାଇଚାରା ଭାବ ଡୋରରେ ବନ୍ଧା କିନ୍ତୁ ପ୍ରଭୁ ମଣିଷ କଥା କିଛି ଜାଣିହେଲାଣନି।

ବିଷ୍ଣୁ ଠାରି କି ଦେଖେଇଦେଇଥିଲେ ଏଥର ତଳେ ଦୀପ କିଣି ଛୋଟ ଝିଅଟି ଜଗନ୍ନାଥ ମନ୍ଦିର ଭିତରକୁ ଭିଡ଼ ଠେଲି ପ୍ରବେଶ କରି ଠାକୁରଙ୍କୁ ହାତଯୋଡ଼ି କହୁଥିଲା ଠାକୁର ଙ୍କ ଆଗରେ ଯେ ପ୍ରଭୁ ହେ ଦିଲ୍ଲୀରୁ କଲିକତା ଯିବା ପାଇଁ ମୋ ଭାଇ ଆଠଟା ସମୟରୁ ଘର ଛାଡ଼ି ଏୟାରପୋର୍ଟ ରେ ଏଗାର ଟା ଫ୍ଲାଇଟକୁ ଯିବାକୁ ଅପେକ୍ଷା କରି ଯେବେ ଶୁଣିଥିଲା ଫ୍ଲାଇଟ ସାଢେ ଗୋଟାଏ ରେ ଛାଡିବ ଆକୁଳ ବିକଳ ରେ ବୋଉ ମୋର ଡାକୁଥିଲା ତୁମକୁ ପ୍ରଭୁହେ ତୁମେ ଭରସା। ଛୋଟ ପୁଅ ଓ ସ୍ତ୍ରୀ ସହ ଦିଲ୍ଲୀ ଏୟାରପୋର୍ଟ ରେ ଏତେସମୟ କେମିତି ଅପେକ୍ଷା କରିବ ପ୍ରଭୁ ମୋ ଭାଇ !ମୋ ମାଆର ଆକୁଳ ପ୍ରାର୍ଥନା ପ୍ରଭୁ ଶୁଣିଲ। କୁହୁଡି ଅପସରି ନେଲ। ଶୀତୁଆ ସକାଳକୁ ଖରା ରେ ପରିଣତ କରିଦେଲ ଭକ୍ତିର ମୋହ ରେ ତଥା ଭାବ ର ମାୟାରେ.ତ ଏଗାର ଟା ସମୟରେ ଛାଡିବାକୁ ଥିବା ଫ୍ଲାଇଟ ସାଢେ ଗୋଟେ ପରିବର୍ତ୍ତେ ବାରଟା ରେ ଛାଡିଲା। ସେଇଥିପାଇଁ ବୋଉ ମତେ ପଠେଇଛି ଜାଚଞ୍ଚା ଦୀପ ବସେଇବାକୁ। ପ୍ରଭୁ ଏତେ ସବୁ କେମିତି କରାଇ ପାର ତୁମେ !ଝିଅଟିର ଭାଇ ପାଇଁ ଥିବା ଆନ୍ତରିକତା ସହ ମାନିବୃତ୍ତି ରେ ଚମତ୍କୃତ ହେଉ ହେଉ ମାଆଟିର ଆକୁଳ ପ୍ରଥନାକୁ ଫଳବତୀ କରିଥିବା ଠାକୁର ଈଶ୍ୱର ନିଜେ ବିଷ୍ଣୁ ପଛକୁ ଚାହିଁ ଦେଖୁଥିଲେ ଶହ ଶହ ଜନତା.ସମୂହ ଦୀପ ଜାଳି ନୂଆବର୍ଷ ରେ ହିଂସା, ରାଗ, ରୋଷ ପରିବର୍ତ୍ତେ ବୁଦ୍ଧି ବିଦ୍ୟା ସହ ପ୍ରୀତି ମୈତ୍ରୀ ଓ ଶାନ୍ତି ପାଇଁ ପ୍ରାର୍ଥନା କରୁଥିଲେ ତ ଈଶ୍ୱରଙ୍କ ଖୁସିରେ ଏକ ନିଆରା ରଙ୍ଗ, ତୃପ୍ତି ଦେଖି ନାରଦ କହୁଥିଲେ ନାରାୟଣ ନାରାୟଣ ନାରାୟଣ।

ଏଥର ନାରଦ ମୁନି ଶ୍ରୀ ବିଷ୍ଣୁ ଙ୍କୁ ସ୍ୱର୍ଗକୁ ଫେରିଯିବାକୁ କହୁଥିବା ବେଳେ ଶ୍ରୀ ବିଷ୍ଣୁ କହୁଥିଲେ ରୁହନ୍ତୁ ମୁନିବର ଟିକେ ପକ୍ଷୀକୂଳ କଣ କରୁଛନ୍ତି ଦେଖି କି ଯିବା। ସେହି ସମୟରେ ପାର୍ଶ୍ୱରେ ଥିବା ମସଜିଦ ର ପାରା ମାନେ ପାଖ ଗୀର୍ଜା କୁ ଉଡିଯିବାକୁ ଚିନ୍ତା କରୁଥାନ୍ତି.କାରଣ ଟି ଥିଲା ମସଜିଦ କାନ୍ଥରେ ଗଛ ଉଠି କାନ୍ଥ ଫାଟିବାକୁ ବସିଥିଲା। ତାହା ମରାମତି ହେବାକୁ ଯାଉଛି ବୋଲି ସେଠାରେ ଥିବା ପାରାମାନେ ଶୁଣି ସାରି ଟିକେ ଅଳ୍ପ ଦୂରରେ ଥିବା ଗୀର୍ଜାକୁ ବାଛି ଥିଲେ। ସେତେ ବେଳେ ସେଠାରେ ଆଗରୁ ବସବାସ କରୁଥିବା ପାରାମାନେ ସେମାନଙ୍କୁ ସ୍ୱୀକୃତି ଦେବେ କି ନାହିଁ ମସଜିଦ ରେ ଥିବା ପାରା ସବୁ ଭାବୁଥିଲା ବେଳେ ଉଡିଯାଇ ଗୀର୍ଜାକୁ ଅନୁଭବ କଲେ ଯେ ସେଠାରେ ଆଗରୁ ଥିବା ପାରାମାନେ ତାଙ୍କୁ ସ୍ୱାଗତ କରିଥିଲେ। କିଛି ଦିନ ସେଠାରେ ବସବାସ କରିବା ପରେ ଏବେ ପୂର୍ବ ଓ ପରେ ମିଶିଥିବା ପାରାଦଳ ଶୁଣିବାକୁ ପାଇଲେ ଯେ ଏହି ଗୀର୍ଜା ବହୁ ନିକଟ ଭବିଷ୍ୟତରେ ରଙ୍ଗ ହେବାକୁ ଯାଉଥିବାରୁ ଏଠାରୁ ଅନ୍ୟ ଆଡ଼େ ନଗଲେ ଚଳିବନି। ସେମାନେ ଦେଖିଲେ ଅଦୂରରେ ମନ୍ଦିର ଚୂଡ଼ା ଦେଖା ଯାଉଛି। ପତିତ ପାବନ ବାନା ଉଡୁଛି କିନ୍ତୁ ସେଠାରେ ମଧ୍ୟ ଦଳେ ପାରା ବସବାସ କରୁଛନ୍ତି। ଦ୍ୱିଧା ମନ ନେଇ ଗୀର୍ଜା ଓ ଆଗରୁ ମସଜିଦ ରେ ରହୁଥିବା ପାରାଦଳ ଏକ ଦଳ ବୋଲାଇ ମନ୍ଦିର ରେ ରହିବାକୁ ଯାଇ ଦେଖିଲେ ଅତିଥି ଦେବୋ ଭବଃ ନ୍ୟାୟରେ ଆଗରୁ ଥିବା ପାରାମାନେ ତାଙ୍କୁ ନିଃସଂକୋଚ ରେ ଖାଲି କୋଳେଇ ନେଲେ ନୁହଁ ବରଂ ଆହାର ଓ ପାଣି ଯୋଗେଇ ଦେଇଥିଲେ। ଶ୍ରୀହରୀ ଶ୍ରୀବିଷ୍ଣୁ ହସୁଥିଲେ ଟହ ଟହ ହସ କାରଣ ସେ ମନ୍ଦିର ରେ ଜଗନ୍ନାଥ ବେଶରେ ନିଜେ ହିଁ ଥିଲେ କାଳିଆ ଠାକୁର ବୋଲାଇ ତ ଏସବୁ ଦେଖି ନାରଦ କହୁଥିଲେ ଓଡିଶାରେ ଆପଣ ବିଦ୍ୟମାନ ବୋଲି ସର୍ବଧର୍ମ ସମନ୍ୱୟ ର ପ୍ରତୀକ ପାରାପକ୍ଷୀ ଙ୍କ ଆଚରଣ ଓ ଉଚ୍ଚାରଣ ଜଣେଇଦେଉଛି ଏପର୍ଯ୍ୟନ୍ତ ଏମାନେ 'ଏ। ଆଇ' ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ର ଶୀକାର ନହୋଇ ପ୍ରୀତି ମୈତ୍ରୀ ଓ ଭାଇଚାରା ଭାବ ଡୋରରେ ବନ୍ଧା କିନ୍ତୁ ପ୍ରଭୁ ମଣିଷ କଥା କିଛି ଜାଣିହେଲାନି।

ଏଥର ତଳେ ଦୀପ କିଣି ଛୋଟ ଝିଅଟି ଜଗନ୍ନାଥ ମନ୍ଦିର ଭିତରକୁ ଭିଡ଼ ଠେଲି ପ୍ରବେଶ କରି କହୁଥିଲା ଠାକୁର ଙ୍କ ଆଗରେ ଯେ ପ୍ରଭୁ ହେ ଦିଲ୍ଲୀରୁ କଲିକତା ଯିବା ପାଇଁ ମୋ ଭାଇ ଆଠଟା ସମୟରୁ ଘର ଛାଡ଼ି ଏୟାରପୋର୍ଟ ରେ ଏଗାର ଟା ଫ୍ଲାଇଟକୁ ଯିବାକୁ ଅପେକ୍ଷା କରି ଯେବେ ଶୁଣିଥିଲା ଫ୍ଲାଇଟ ସାଢେ ଗୋଟାଏ ରେ ଛାଡିବ ଆକୁଳ ବିକଳ ରେ ବୋଉ ମୋର ଡାକୁଥିଲା ତୁମକୁ ପ୍ରଭୁହେ ତୁମେ ଭରସା। ଛୋଟ ପୁଅ ଓ ସ୍ତ୍ରୀ ସହ ଦିଲ୍ଲୀ ଏୟାରପୋର୍ଟ ରେ ଏତେସମୟ କେମିତି ଅପେକ୍ଷା କରିବ ପ୍ରଭୁ ମୋ ଭାଇ !ମୋ ମାଆର ଆକୁଳ ପ୍ରାର୍ଥନା ପ୍ରଭୁ ଶୁଣିଲ। କୁହୁଡି ଅପସରି ନେଲ। ଶୀତୁଆ ସକାଳକୁ ଖରା ରେ ପରିଣତ କରିଦେଲ ଭକ୍ତିର ମୋହ ରେ ତଥା ଭାବ ର ମାୟାରେ.ତ ଏଗାର ଟା ସମୟରେ ଛାଡିବାକୁ ଥିବା ଫ୍ଲାଇଟ ସାଢେ ଗୋଟେ ପରିବର୍ତ୍ତେ ବାରଟା ରେ ଛାଡିଲା। ସେଇଥିପାଇଁ ବୋଉ ମତେ ପଠେଇଛି ଜାଚଞ୍ଚା ଦୀପ ବସେଇବାକୁ। ପ୍ରଭୁ ଏତେ ସବୁ କେମିତି କରାଇ ପାର ତୁମେ !ଝିଅଟିର ଭାଇ ପାଇଁ ଥିବା ଆନ୍ତରିକତା ସହ ମାନିବୃତ୍ତି ରେ ଚମତ୍କୃତ ହେଉ ହେଉ ମାଆଟିର ଆକୁଳ ପ୍ରଥନାକୁ ଫଳବତୀ କରିଥିବା ଠାକୁର ଈଶ୍ୱର ନିଜେ ବିଷ୍ଣୁ ପଛକୁ ଚାହିଁ ଦେଖୁଥିଲେ ଶହ ଶହ ଜନତା.ସମୂହ ଦୀପ ଜାଳି ନୂଆବର୍ଷ ରେ ହିଂସା, ରାଗ, ରୋଷ ପରିବର୍ତ୍ତେ ବୁଦ୍ଧି ବିଦ୍ୟା ପ୍ରୀତି ମୈତ୍ରୀ ଓ ଶାନ୍ତି ପାଇଁ ପ୍ରାର୍ଥନା କରୁଥିଲେ ତ ଈଶ୍ୱରଙ୍କ ହସରେ ଏକ ନିଆରା ତୃପ୍ତି ଦେଖି ନାରଦ କହୁଥିଲେ ନାରାୟଣ ନାରାୟଣ ନାରାୟଣ.ବାଟରେ ଯାଉ ଯାଉ ଖୁବ ଶୋଷ ହେବାରୁ ବିଷ୍ଣୁଙ୍କ ସହ ନାରଦ ମୁନି ଦେବର୍ଷି ଓଲ୍ହେଇ ଥିଲେ। ଟିକେ ଦୂରରେ ଦୁଇ ବାନ୍ଧବଙ୍କ କଥା ଶୁଣିବାକୁ ପାଇଲେ ପ୍ରଭୁ।

ନୀଳିମା କହିଚାଲିଥିଲେ। ଏଇ କିଛିଦିନ ହେବ ଏବର୍ଷ ଲଗାତାର ତିନିମାସ ଧରି ନିର୍ଦ୍ଦିଷ୍ଟ ରାତିରେ ନିଦ ଭାଙ୍ଗୁଛି ପେଚା ବୋବାଳିରେ ତ ମନ ଅସ୍ଥିର ଲାଗୁଛି ନୀଳିମାଙ୍କର । ଯେତେ ପାଠ ଶାଠ ପଢିଲେ ମଧ୍ୟ ମନକୁ କିଏ ବୁଝେଇବ !ଆଶଙ୍କାରେ ଜର୍ଜ୍ଜରିତ ମନ। ନିଶ୍ଚୟ କିଛି ଅଘଟଣ ଦୁର୍ଘଟଣା ଅଛି ଭାବି ପ୍ରତିକାର ପାଇଁ ଶୁଭେଚ୍ଛୁମାନଙ୍କୁ ହାତପତେଇ ଉପଦେଶ ମାଗିଲା ବେଳେ କିଏ କହେ ରାତ୍ରୀଚର ପକ୍ଷୀ ସେମାନେ ରାତିରେ ବୋବେଇବେନି ? କିଛି ମନ ଊଣା କରିବାର ନାହିଁ। ହଁ ନୀଳିମାଙ୍କ ଘର ଚାରିପଟେ ଗଛ ବହୁତ ହେଲେ କ୍ୱେ ଦିନେ ହେଲେ ତ ସେ ଶୁଣି ନଥିଲେ ଏମିତି ନିର୍ଦ୍ଦିଷ୍ଟ ପ୍ରହରରେ ପୁଣି ରାତିରେ ପେଚା ବୋବାଳି ! ପୁଣି କିଏ କହେ ସେ ପେଚା ହୋଇନଥିବ କାରଣ ପେଚା ଉଡି ଉଡି ବୋବାଏ ନାହିଁ। ଯୋଉଠି ହେଲେ ବସିକି ବୋବାଏ। ସେ ବୋବାଳିର ପୁଣି ଅନେକ ସଂକେତ ରହିଛି। ଶୁଭ ଅଶୁଭ ମିଶ୍ରିତ ଭିତରୁ ଚୋରୀ ଭୟ,ମୃତ୍ୟୁ ଭୟ ଇତ୍ୟାଦି ଅଶୁଭ ସଂକେତ ସହ ପେଚା ଲକ୍ଷ୍ମୀଙ୍କ ବାହାନ ହୋଇଥିବାରୁ କେତେକ ଶୁଭ ସଂକେତ ମଧ୍ୟ ଦେଇଥାଏ । ବହୁଦିନରୁ ରୋଗରେ ପୀଡିତ ଥିବା ରୋଗୀ ଉପରେ ବସିଗଲେ, ରୋଗୀର ରୋଗ ଦୂର ହୁଏ.ଘରୁ ଯାତ୍ରାରେ ବାହାରିବା ବେଳେ ପେଚା ଦେଖିଲେ ଯାତ୍ରା ସଫଳ ହୁଏ ପୁଣି କୋମଳ କଣ୍ଠରେ ପେଚା ଡାକିଲେ ଓ ଧଳା ରଙ୍ଗର ପେଚା ହୋଇଥିଲେ ଭାରି ଶୁଭ ହୋଇଥାଏ । ନୀଳିମା ବୁଝୁନଥିଲେ ଏସବୁ କିଛି। କେବଳ ସନ୍ତ୍ରାସ ଓ ଆତଙ୍କ ଭିତରେ ଦିନ ବିତୁଥିଲା ତାଙ୍କର.କ୍ୱେ ସାରାରାତି ହନୁମାନ ଚାଳିଶା ବୋଲି ବୋଲି ତ କ୍ୱେ କୋଉ ମନ୍ତ୍ରର ଧାଡିଏ କି ଦୁଇଧାଡି ବୋଲି ଦେଇ ଶୋଉଥିଲେ । ପୁଣି କ୍ୱେ ତକିଆ ତଳେ ମୟୁର ପୁଚ୍ଛ ରଖି ତ କ୍ୱେ କାହା କଥାରେ ମୟୁର ପୁଚ୍ଛରେ ଲାଲ ରଙ୍ଗର କପଡା ଗୁଡେଇ ରଖୁଥିଲେ । ଏତେସବୁ ଭିତରେ ବି ନିଦ ଭାଙ୍ଗୁଥିଲା ସେଇ ନିର୍ଦ୍ଦିଷ୍ଟ ରାତିର ନିର୍ଦ୍ଦିଷ୍ଟ ପ୍ରହରରେ। ଉଠିବସି ଜଡ଼ସଡ଼ରେ ହନୁମାନ ଚାଳିଶା ବୋଲିବା ଛଡା ଅନ୍ୟ ଉପାୟ ତ ଉପାୟ ଲାଇଟ ଜାଳି କେତେଟା ବାଜିଛି ବୋଲି ଦେଖିବାକୁ କି ଫୋନ ଚିପି ଲାଇଟ ଜାଳି ସମୟ ଜାଣିବାକୁ ଡର ଲାଗୁଥିଲା। ସ୍ୱାମୀ ମଧ୍ୟ ବିରକ୍ତ ହୋଇ କେତେ କଥା କହୁଥିଲେ। ଦିନେ ଦିନେ ଉଠି ଛାତ ଉପରକୁ ଯାଇ ନିରୀକ୍ଷଣ କରିବାକୁ କହି ଧୂଆଁ ଧୂଆଁ ଜଙ୍ଗଲ ପରି ଲାଗୁଥିଲା କୁହୁଡି କାକର ପରି ଆକାଶ ତ ବାରି ନପାରି ପେଚାର ଉଡାଣ,ଫେରି ପଡି ଛାତରୁ ଅନ୍ଧବିଶ୍ୱାସର ବଶବର୍ତ୍ତୀ ନହେବାକୁ ମନକୁ ମନ କହି କଡ଼ ଲେଉଟାଇ ଶୋଇ ଯାଉଥିଲେ।

ନୀଳିମାଙ୍କ ବାନ୍ଧବୀ ଜଣେ କବୀ ଥିଲେ ଓ ଭାରି ଶୁଭେଚ୍ଛୁ ନୀଳିମାଙ୍କର.ତ ଏସବୁ ଶୁଣି ନୀଳିମାଙ୍କୁ କହିଲେ ସ୍ୱାତୀ କରିପାରିବୁ ଯଦି ଗୋଟେ କଥା କହନ୍ତି.ନିଜ ଅନୁଭୂତିର କଥା କହୁଛି ଶୁଣ। ନୀଳିମା ଶୁଣୁଥିଲେ ଓ ସ୍ୱାତୀ କହିଚାଲିଥିଲେ। ମଣିଷ ଜୀବନର ଅନେକ ଦୁଃଖ,ଦହନ, ଯନ୍ତ୍ରଣାକୁ ସାମ୍ନା କରୁ କରୁ ଏମିତି ଗୋଟେ ପରିସ୍ଥିତିରେ ପଡି ଜଗନ୍ନାଥ ଦର୍ଶନକୁ ଯାଇ ପୁରୀ ବାଇଶି ପାବଛରେ ବସିଛି, ନନା ଜଣେ କହିଲେ ମାଆ ଜଗନ୍ନାଥଙ୍କ ନାକଚଣା ମାଳ ନେବ ? କେତେ ପଇସା ଓ କେତେ ସମୟ ଲାଗିବ ବୁଝୁ ବୁଝୁ ନନା ଆଣିଦେଇଥିଲେ ସେଇ ନାକଚଣା ମାଳଟି। ଶୁଖାଇ, ସାଇତି,ଜରି ମଧ୍ୟରେ ଦାଣ୍ଡଦୁଆର ଆଗରେ ଟାଙ୍ଗିବା ପରେ ଅନେକ ସମସ୍ୟାର ସମାଧାନ ଅଚିରେ ହୋଇ ଶାନ୍ତି ଫେରିଥିଲା ଘରକୁ। ସ୍ୱାତୀ ଙ୍କ କଥା ଶୁଣି ସେଦିନ ଅନେକ ଆଶ୍ୱାସନା ମନରେ ନେଇ ଭବିଷ୍ୟତ ସମ୍ଭାବନା ପାଇ ନିଦ ହୋଇଗଲା ନୀଳିମାଙ୍କୁ ତ ଆଉ ସେଦିନଠୁ ଶୁଣି ନଥିଲେ ପେଚା ବୋବାଳି। ସ୍ୱାମୀ କହୁଥିଲେ ଫ୍ୟାନ ବୁଲିବା ଶବ୍ଦରେ ଆଉ ଶୁଣିବାକୁ ପାଇବନି ପେଚା ରାବ.ବ୍ୟସ୍ତ ହୁଅନା। ସେ ତାର ବୋବାଉଥାଉ। ତୁମେ ଶୁଣିଛ ତେବେ ? ହଁ ବୋଲି ମୁଣ୍ଡ ଟୁଙ୍ଗାରୁଥିଲେ ସ୍ୱାମୀ।

ନୀଳିମାଙ୍କ ଭଉଣୀ ଖବର ଦେଲା ଅପା ମିଳିଯାଇଛନ୍ତି ନାକଚଣା ମାଳ। ସପାଖରେ ରଖିବାକୁ ସୁବିଧା ନାହିଁ ତୁ ଆସି ନେଇଯା। ଖୁସିରେ ନୀଳିମା ବସରେ ବସିଲେ। ମନ୍ଦିର ବସରେ। ମାଳ ନେଇ ପୁଣି ସେଇ ବସରେ ଫେରିବାକୁ ଅପେକ୍ଷା କରୁ କରୁ ଖୁବ ଡେରି। ଖରା ମାରୁଛି ଚାଇଁ ଚାଇଁ। ପାଖରେ ପାଣି ନାଇଁ କି ଅଟୋରେ ଚାଲିଯିବା ପାଇଁ ପଇସା ନାହିଁ। ଠିକ ଏତିକି ବେଳେ ଲାଗିଲା ପ୍ରଭୁ ଯାହାର ପାଖରେ, କୋଉ କଥାକୁ ଆଉ ଡର !ସତକୁ ସତ ମନ୍ଦିର ବସ ପହଞ୍ଚିଗଲା ଅଚିରେ । ସିଟ ପାଇ ବସିପଡ଼ି ନୀଳିମା ଭାବୁଥିଲେ ଯାହାର ସ୍ମରଣ ମାତ୍ରେ ବସ ଆସିଗଲା ତାଙ୍କୁ ଘରେ ନେଇ ରଖିବା ପରେ ଆଉ କି ବିପଦ !ଯେତେ ଯିଏ, ମନୁଷ୍ୟ, ପଶୁ, ପକ୍ଷୀ ଗୋଛି କାଟିବାକୁ ଚାହିଁଲେ ମଧ୍ୟ ଆଉ କିଛି କରିପାରିବେନି। ଭାବିକି ନାକଚଣା ମାଳ ଥିବା ପଲିଥିନଟିକୁ ସଜାଡି କୋଳ ଉପରେ ରଖିଲା ବେଳେ ଲାଗିଲା ସତରେ କଣ ପ୍ରଭୁ କୋଟି କୋଟି ଜୀବଙ୍କୁ ଛାଡି ମୋ ସହ ଯାଉଛନ୍ତି ମୋ ଘର ର ରିଷ୍ଟ କାଟିବାକୁ ? ଏମିତି ଭାବି ପଲିଥିନ ଟିକେ ଘୁଞ୍ଚେଇବାକୁ ଯାଇ ଟେକି ପାରିଲେନି ନୀଳିମା। ପାଖ ସ୍ତ୍ରୀ ଲୋକ ଜଣଙ୍କ କହୁଥାନ୍ତି ନିଜ ବ୍ୟାଗ ଓ ପଲିଥିନ ମୋ ଦେହରେ ବାଜୁଛି, ସଜାଡି ରଖନ୍ତୁ । ହଁ ହଁ କହି ସଜାଡି ରଖି ପାରୁନଥିଲେ ନୀଳିମା। କି ଭାରି ସେ ଜରି। ତେବେ କେମିତି ନେବେ ବସଷ୍ଟାଣ୍ଡରୁ ଘରଯାଏଁ ପ୍ରଭୁଙ୍କୁ !ବସ ରହିଲା। ଯାତ୍ରୀମାନେ ଓଲ୍ହେଇଲେ ହେଲେ ଓଲ୍ହେଇ ପାରୁନଥିଲେ ନୀଳିମା। କଣ୍ଡକ୍ଟର ବିରକ୍ତି ଭାବ ପ୍ରକାଶ କରି ପଲିଥିନ ଜରିଟିକୁ ତାଙ୍କଠୁଁ ଧରି ନେଇ କହୁଥିଲା ବୋପାଲୋ କି ଭାରି !କଣ ଅଛି ଏଥିରେ କେଜାଣି। ନୀଳିମା ହାତକୁ ନେଇ କହୁଥିଲେ ବ୍ରହ୍ମାଣ୍ଡ ଠାକୁର ସେଥିରେ। ସେ ହସୁ ହସୁ ନୀଳିମା ଓଲ୍ହେଇ ଚାଲୁଥିଲେଆଗକୁ ଘରମୁହାଁ ଆଡକୁ। ଆଉ ଭାରି ନଥିଲା ଜରି କିନ୍ତୁ ମନଦୁଃଖ ଲାଗୁଥିଲା ନୀଳିମାଙ୍କର ଭାବିକି ଯେ ବୋଧେ ପ୍ରଭୁ ରହିଗଲେ ବାଟରେ ବସ ପାଖରେ କି କଣ କିନ୍ତୁ ସ୍ୱାମୀ ଯେବେ ଦୁଆର ମୁହଁରୁ ଧରିନେଇ କହୁଥିଲେ ବୋପାଲୋ କି ଭାରି। ଖୁସିରେ ନୀଳିମା ଶିଡ଼ି ଚଢୁଥିଲେ ଥିରି ଥିରି।

ଦୁଇ ଚାରି ଦିନ ପରେ ଭଉଣୀ ଫୋନ କରିଥିଲା ଓ କହିଥିଲା କୋରାପୁଟ ବଦଳି ହୋଇଯାଇଛି ମୋର ଯେ ଡର ମାଡୁଛି। ସେଠି ପ୍ରାକୃତିକ ପରିବେଶ ସହିତ ନଦୀ, ଝରଣା, ପ୍ରପାତ ଖୁବ ସୁନ୍ଦର ସତ ହେଲେ ପୋଡୁ ଚାଷ ପାଇଁ ଜଙ୍ଗଲ ପୋଡି ସହ ଧୂଆଁ ଧୂଆଁ ବାତାବରଣ ଭିତରେ ସ୍କୁଲଟି ମଧ୍ୟ ଧୂଆଁଳିଆ ହୋଇ ରହୁଛି। ଆଦିବାସୀ ପିଲାଙ୍କ ଉପସ୍ଥାପନ ଶ୍ରେଣୀରେ ବହୁତ କମ ତ ଉପରିସ୍ଥ ଅଫିସରଙ୍କୁ କୈଫତ ଦେବାକୁ ପଡିବ। ନୀଳିମା କହିଲେ ଧୂଆଁ ଧୂଆଁ ଜଙ୍ଗଲ ଭିତରେ କିନ୍ତୁ ପେଚା ବୋବାଳି ତ ନଥିବ ନା !କାଇଁ ତୁ ଆଉ ଶୁଣୁଛୁକି ସେ ପକ୍ଷୀ ବୋବାଳି ? ହଁ ବେଳେ ବେଳେ। କିଛି ଯାଏ ଆସେ ନାହିଁ.ତୋ ସାଙ୍ଗରେ ପରା ଜଗନ୍ନାଥ ଅଛନ୍ତି। ହଁ ସେଇଥିପାଇଁ ତ ନିର୍ଭିକ ଭାବେ ବଞ୍ଚିଛି। ତୁ ବି ସେୟା କର। ପ୍ରଭୁଙ୍କ ନାକଚଣା ମାଳ ସାଙ୍ଗରେ ନେଇକି ଯାଆ। କିଛି ଅସୁବିଧା ରହିବନି। ଭଉଣୀ ହସି ହସି କହିଲା ନାକଚଣା ମାଳ ଭିତରେ ତୁତ ଜଗନ୍ନାଥଙ୍କୁ ନେଇଗଲୁ ନା। ଆରେ ନା ନା ସେ ବାଣ୍ଟିହୋଇ ଭକ୍ତ ପାଇଁ ବିଭାଜ୍ୟ ସବୁବେଳେ। ତୁ ଗୋଟେ କାମ କର ନାକଚଣା ମାଳ ବଦଳରେ କରପଲ୍ଲ ବା ହୃଦୟବଲ୍ଲଭ ଭିତରେ ତାଙ୍କୁ ସାଙ୍ଗରେ ନେଇଯା। ଏସବୁ ଶୁଣୁଥିବା ସ୍ୱାମୀ କହୁଥିଲେ ସତ କଥା। ଭକ୍ତର ଭଗବାନ ବୋଲି ନାକଚଣା ମାଳ କେତେବେଳେ ହାଲକା ତ କେତେବେଳେ ଭାରି ଲାଗୁଛନ୍ତି ଏଠି ନାକଚଣା ମାଳ .ଏସବୁ ଶୁଣି ନୀଳିମାଙ୍କ ମନରୁ ଭୟ ଅପସରି ଯାଉଥିଲା ଅନେକ ମାତ୍ରାରେ। ଆଉ ଏସବୁ ଛପି ରହି ଶୁଣୁଥିବା ଈଶ୍ୱର ଙ୍କ ଖୁସିର ହସ ଶୁଣି ନାରଦ କହୁଥିଲେ ପ୍ରଭୁ ଏଥର ବୁଝିଗଲି ଆପଣ କେତେ ବଡ଼ ବୋଲି।

**ସୁନନ୍ଦା ମହାନ୍ତି**
ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

ଜାତୀୟ ଚେତନା
JATIYA CHETANA



# ନମନ ପୁରସ୍କାର ୨୦୨୬: ଗିଲ୍-ମନ୍ଧାନା ବିସିସିଆଇ ଅନ୍ତର୍ଜାତୀୟ ଖେଳାଳି

ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ପୁରୁଷ କ୍ରିକେଟ୍ ଟିମ୍ କ୍ୟାପ୍ଟେନ୍ ଶୁଭମନ ଗିଲ୍ ଏବଂ ମହିଳା ଟିମ୍ ଭାଇସ୍ କ୍ୟାପ୍ଟେନ୍ ସ୍ମୃତି ମନ୍ଧାନାଙ୍କୁ ରବିବାର ବିସିସିଆଇ ବର୍ଷର ଶ୍ରେଷ୍ଠ ଅନ୍ତର୍ଜାତୀୟ କ୍ରିକେଟର୍ ଭାବରେ ସମ୍ମାନିତ କରିଛି। ବିସିସିଆଇ ୧୯୮୩ ବିଶ୍ୱକପ୍ ବିଜେତା ଟିମ୍‌ର ସଦସ୍ୟ ରୋଜର ବିନ୍ନି ଏବଂ ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡ୍‌ଙ୍କୁ କର୍ଣ୍ଣେଲ୍ ସିକେ ନାୟୁଡୁ ଜୀବନବ୍ୟାପୀ ସାଧନା ପୁରସ୍କାରରେ ସମ୍ମାନିତ କରିଛି।

ରବିବାର ଦିଲ୍ଲୀରେ ବିସିସିଆଇର ନମନ ପୁରସ୍କାର ୨୦୨୬ ଆୟୋଜିତ ହୋଇଥିଲା। ଏହି ଅବସରରେ ପୂର୍ବତନ ଭାରତୀୟ ମହିଳା ଟିମ୍‌ର କ୍ୟାପ୍ଟେନ୍ ମିତାଲି ରାଜଙ୍କୁ ବିସିସିଆଇ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯାଇଛି। ଘରୋଇ କ୍ରିକେଟ୍‌ରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୧୯ ବର୍ଷରୁ କମ୍ ଟିମ୍‌ର କ୍ୟାପ୍ଟେନ୍ ଆୟୁଷ ମହାତ୍ରେଙ୍କୁ ଲାଲା ଅମରନାଥ ପୁରସ୍କାର ପାଇଁ ଚୟନ କରାଯାଇଛି।ଏହା ବ୍ୟତୀତ ୨୦୨୪ ରୁ ୨୦୨୬ ମଧ୍ୟରେ ପାଞ୍ଚଟି ଆଇସିସି ଟୁର୍ଣ୍ଣାମେଣ୍ଟ ଜିତିଥିବା ପାଞ୍ଚଟି ଦଳକୁ ସମ୍ମାନିତ କରାଯାଇଥିଲା। ଏଥିରେ ପୁରୁଷ ଟି୨୦ ବିଶ୍ୱକପ୍, ଚାମ୍ପିଅନ୍ସ ଟ୍ରଫି ଏବଂ ମହିଳା ବିଶ୍ୱକପ୍ ଜିତିଥିବା ପୁରୁଷ ଏବଂ ମହିଳା ଟିମ୍ ଏବଂ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଜିତିଥିବା ପୁରୁଷ ଏବଂ ମହିଳା ଟିମ୍ ଅନ୍ତର୍ଭୁକ୍ତ। ସେହିପରି ଶ୍ରେଷ୍ଠ ଅନ୍ତର୍ଜାତୀୟ ପଦାର୍ପଣ ପାଇଁ ହର୍ଷିତ ରାଣା (ପୁରୁଷ) ଏବଂ ଶ୍ରୀ ଚରଣୀ (ମହିଳା)ଙ୍କୁ ପୁରସ୍କୃତ କରାଯାଇଛି। ଏହା ବ୍ୟତୀତ ଏହି ଉତ୍ସବରେ ଡୋମେଷ୍ଟିକ୍ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି। ଏଥିରେ ମୁମ୍ବାଇର ଇରା ଜାଧବଙ୍କୁ ଶ୍ରେଷ୍ଠ ମହିଳା କ୍ରିକେଟର୍ ଭାବେ ଜଗମୋହନ ଡାଲମିଆ ଟ୍ରଫି, ସିନିୟର୍ ମହିଳା ଦିନିକିଆରେ ଶ୍ରେଷ୍ଠ ଖେଳାଳି ଭାବେ ହରିଆଣାର ଶେଫାଳୀ ବର୍ମାଙ୍କୁ ଜଗମୋହନ ଡାଏମିଆ ଟ୍ରଫି, ମୁମ୍ବାଇର ଆୟୁଷ ମହାତ୍ରେ (ଶ୍ରେଷ୍ଠ ଘରୋଇ ସୀମିତ ଓଭର୍ ଅଲ୍‌ରାଉଣ୍ଡର୍) ଓ ବିଦର୍ଭର ହର୍ଷ ଦୁବେଙ୍କୁ (ରଣଜୀ ଟ୍ରଫି ଅଲ୍‌ରାଉଣ୍ଡର୍) ଲାଲା ଅମରନାଥ ପୁରସ୍କାର ଏବଂ ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ (ଏମ୍‌ସିଏ)କୁ ଘରୋଇ ଟୁର୍ଣ୍ଣାମେଣ୍ଟରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଛି।




## ଆଇପିଏଲ୍‌ରେ ପୁଣି ହୋଇପାରେ ଲଳିତ ମୋଦୀଙ୍କ ଏଣ୍ଟ୍ରି

ନୂଆଦିଲ୍ଲୀ,(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର ପ୍ରତିଷ୍ଠାତା ଲଳିତ ମୋଦୀଙ୍କ ଟୁର୍ଣ୍ଣାମେଣ୍ଟ୍‌ରେ ପ୍ରତ୍ୟାବର୍ତ୍ତନ ହେବାର ସମ୍ଭାବନା ରହିଛି। ଏକ ମିଡିଆ ହାଉସ୍ ସୂତ୍ର ଅନୁସାରେ ସେ ରାଜସ୍ଥାନ ରୟାଲ୍ସ (ଆର୍‌ଆର୍) ଟିମ୍ କିଣିବା ଦୌଡ଼ରେ ସାମିଲ ହୋଇଛନ୍ତି। ରାଜସ୍ଥାନ ରୟାଲ୍ସର ସମ୍ଭାବ୍ୟ ବିକ୍ରିକୁ ନେଇ ମାର୍ଚ୍ଚ ୧୬ ତାରିଖରେ ଲଣ୍ଡନରେ ଏକ ବୈଠକ ହେବାର ଅଛି। ଏହି ଡିଲ୍‌ର ମୂଲ୍ୟ ପ୍ରାୟ ୧୨ ହଜାର କୋଟି ଟଙ୍କାରେ ପହଞ୍ଚିବା କୁହାଯାଉଛି। ସୂତ୍ର ଅନୁସାରେ ଟିମ୍ କିଣିବା ପାଇଁ ଚାରିଟି କମ୍ପାନୀ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିରେ ଲଳିତ ମୋଦୀ ଏକ ଆମେରିକା ଆଧାରିତ କମ୍ପାନୀ ସହିତ ମିଳିତ ଭାବେ ବିଡ୍‌ରେ ସାମିଲ ହୋଇପାରନ୍ତି। ଏହା ବ୍ୟତୀତ ଆଦିତ୍ୟ ବିର୍ଲା ଗ୍ରୁପ୍ ଏବଂ ଏକ ଆମେରିକ କମ୍ପାନୀ କନ୍‌ସୋର୍ଟିୟମ୍, ମାଞ୍ଚେଷ୍ଟର ୟୁନାଇଟେଡ୍ ସହିତ ଜଡ଼ିତ ଗ୍ଲେଜର୍ ଫ୍ୟାମିଲୀ ଏବଂ ଅନ୍ୟ ଏକ ଆମେରିକୀୟ ଇନ୍‌ଭେଷ୍ଟମେଣ୍ଟ୍ କମ୍ପାନୀ ମଧ୍ୟ ଦୌଡ଼ରେ ରହିଛନ୍ତି। କୁହାଯାଉଛି ଏହି ସମସ୍ତ ସମ୍ଭାବ୍ୟ କ୍ରେତାମାନଙ୍କ ସହିତ ପ୍ରଥମ ପର୍ଯ୍ୟାୟ ଆଲୋଚନା ସରିଛି। ମାର୍ଚ୍ଚ ୧୬ର ବୈଠକକୁ ଅନ୍ତିମ ପର୍ଯ୍ୟାୟ ଆଲୋଚନା ବୋଲି କୁହାଯାଉଛି। ଏହି ଅବସରରେ ଡିଲ୍‌କୁ ନେଇ ବଡ଼ ନିଷ୍ପତ୍ତି ହୋଇପାରେ। ସୂଚନାଯୋଗ୍ୟ, ରାଜସ୍ଥାନ ରୟାଲ୍ସରେ ସବୁଠୁ ବଡ଼ ଅଂଶଧନ ମନୋଜ ବଦାଲେଙ୍କ ମାଲିକାନାରେ ଥିବା ଏମର୍ଜିଂ ଭେଞ୍ଚର୍ସ ପାଖରେ ରହିଛି। ତାଙ୍କ ପାଖରେ ପ୍ରାୟ ୬୫ ପ୍ରତିଶତକ ଅଂଶଧନ ରହିଛି। ଏହା ବ୍ୟତୀରତ ରେଡ୍‌ବାର୍ଡ କ୍ୟାପିଟାଲ୍ ପାଖରେ ପ୍ରାୟ ୧୫ ପ୍ରତିଶତ ଏବଂ ଲାଚଲନ୍ ମର୍ଡୋକ୍ ପାଖରେ ୧୩ ପ୍ରତିଶତକ ଅଂଶଧର ରହିଛି। ଲଳିତ ମୋଦୀ ୨୦୦୫ରୁ ୨୦୦୯ ପର୍ଯ୍ୟନ୍ତ ରାଜସ୍ଥାନ କ୍ରିକେଟ୍ ଆସୋସିଏସନ୍ (ଆର୍‌ଏସ୍‌ସିଏ)ର ଅଧ୍ୟକ୍ଷ ଥିଲେ।

## ନ୍ୟୁଜିଲାଣ୍ଡ୍‌କୁ ୭ ୱିକେଟ୍‌ରେ ହରାଇଲା ସାଉଥ୍ ଆଫ୍ରିକା

ମାଉଣ୍ଟ୍ ମାଉଙ୍ଗାନୁଇ,(ଏଜେନ୍ସି): ସାଉଥ୍ ଆଫ୍ରିକା ପ୍ରଥମ ଟି-୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୭ ୱିକେଟ୍‌ରେ ହରାଇ ଦେଇଛି। ଏହା ସହିତ ପ୍ରୋଟିଆଜ୍ ଟିମ୍ ଟି-୨୦ ବିଶ୍ୱକପ୍ ସେମିଫାଇନାଲ୍ ପରାଜୟର ପ୍ରତିଶୋଧ ନେଇଛି। ମାଉଣ୍ଟ୍ ମାଉଙ୍ଗାନୁଇର ବେ ଓଭାଲ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ ନେଇଥିବା ନ୍ୟୁଜିଲାଣ୍ଡ ୧୪.୩ ଓଭର୍‌ରେ ମାତ୍ର ୯୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଏହା ଟି-୨୦ ଅନ୍ତର୍ଜାତୀୟରେ କିୱି ଟିମ୍‌ର ଦଶମ ସବୁଠୁ ଛୋଟ ସ୍କୋର୍। ଜବାବରେ ସାଉଥ୍ ଆଫ୍ରିକା ୧୬.୪ ଓଭର୍‌ରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେବା ସହିତ ସିରିଜ୍‌ରେ ୧-୦ର ଅଗ୍ରଣୀ ହାସଲ କରିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୧୭ ତାରିଖରେ ହାମିଲଟନ୍‌ରେ ଖେଳାଯିବ। ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପକ୍ଷରୁ ଜେମ୍ସ ନିଶାମ୍ ସର୍ବାଧିକ ୨୧ ବଲ୍‌ରେ ୨୬ ରନ୍ କରିଥିଲେ। ତାଙ୍କ ବ୍ୟତୀତ କ୍ୟାପ୍ଟେନ୍ ମିଚେଲ୍ ସାଣ୍ଟନର୍ ୧୫, କୋଲ୍ ମ୍ୟାକୋଞ୍ଚି ୧୫ ଏବଂ ବେଭୋନ୍ ଜ୍ୟାକବ୍ସ ୧୦ ରନ୍‌ର ଇନିଂସ୍ ଖେଳିଥିଲେ। ଟିମ୍‌ର ସାତଜଣ ଖେଳାଳି ଦୁଇଅଙ୍କ ମଧ୍ୟ ଛୁଇଁପାରି ନଥିଲେ। ଟିମ୍ ପକ୍ଷରୁ ନିଶାମ୍ ଏବଂ ମ୍ୟାକୋଞ୍ଚିଙ୍କ ମଧ୍ୟରେ ୭ମ ୱିକେଟ୍ ପାଇଁ ୨୬ ରନ୍‌ର ସବୁଠୁ ବଡ଼ ପାର୍ଟନରଶିପ୍ ହୋଇଥିଲା। ସାଉଥ୍ ଆଫ୍ରିକା ପକ୍ଷରୁ ଡେବ୍ୟୁ କରିଥିବା ନକାବାନୀ ମୋକୋଏନା ୩.୩ ଓଭର୍‌ରେ ୨୬ ରନ୍ ଦେଇ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ସେହିପରି ଜେରାଲ୍ଡ କୁଟ୍‌ଜୀ ଓ ଓଟୋନିଲ୍ ବାର୍ଟମ୍ୟାନ୍ ୨-୨ ୱିକେଟ୍ ନେଇଥିଲେ। ଏହା ବ୍ୟତୀତ କେଶବ ମହାରାଜଙ୍କୁ ଦୁଇଟି ଏବଂ ଡିଆନ୍ ଫୋରିଷ୍ଟରଙ୍କୁ ଗୋଟିଏ ସଫଳତା ମିଳିଥିଲା। ଲକ୍ଷ୍ୟର ପିଛା କରୁଥିବା ସାଉଥ୍ ଆଫ୍ରିକା ୧୬.୪ ଓଭର୍‌ରେ ୩ ୱିକେଟ୍ ହରାଇ ୯୩ ରନ୍ କରି ବିଜୟୀ ହୋଇଥିଲା। ଟିମ୍ ପକ୍ଷରୁ କୋନୋର୍ ଇଷ୍ଟର୍‌ହୁଇଜେନ୍ ସର୍ବାଧିକ ୪୫ ରନ୍ ଏବଂ ଡିଆନ୍ ଫୋରିଷ୍ଟର୍ ୧୬ ରନ୍ କରି ଅପରାଜିତ ରହିଥିଲେ। ଓପ୍ନର୍ ଟୋନି ଜୋର୍ଜି ୨, ରବିନ୍ ହରମାନ୍ ୭ ଓ ଜାସନ୍ ସ୍ମିଥ୍ ୧୦ ରନ୍ କରି ଆଉଟ୍ ହୋଇଥିଲେ।

## ପାକ୍ ଟିମ୍‌ର ମୁଖ୍ୟ କୋଚ୍ ହୋଇପାରନ୍ତି ସର୍ଫରାଜ୍ ଅହମଦ

ଲାହୋର,(ଏଜେନ୍ସି): ପାକିସ୍ତାନୀ ୱିକେଟ୍‌କିପର ବ୍ୟାଟର୍ ସର୍‌ଫରାଜ୍ ଅହମଦ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଛନ୍ତି। ଏହାପରେ ତାଙ୍କୁ ପାକିସ୍ତାନ କ୍ରିକେଟ୍ ଟିମ୍‌ର ମୁଖ୍ୟ କୋଚ୍ ନିଯୁକ୍ତ କରାଯିବାର ସମ୍ଭାବନା ରହିଛି। ଡିସେମ୍ବର ୨୦୨୩ରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ନିଜର ଶେଷ ଟେଷ୍ଟ୍ ଖେଳିଥିଲେ। ନିକଟରେ ତାଙ୍କୁ ପାକିସ୍ତାନ ଚୟନ କମିଟିର ସଦସ୍ୟ ନିଯୁକ୍ତ କରାଯାଇଥିଲା। ସେ ମଧ୍ୟ ପାକିସ୍ତାନ ୧୯ ବର୍ଷରୁ କମ୍ ଟିମ୍‌ର ମ୍ୟାନେଜର ଓ ଉପଦେଷ୍ଟା ଅଛନ୍ତି। ପୂର୍ବତନ ଅଲ୍‌ରାଉଣ୍ଡର୍ ଆଝାର ମେହମୁଦ୍‌ଙ୍କ ଚୁକ୍ତି ଶେଷ ହେବା ପରେ ଏବେ ପାକିସ୍ତାନ ସିନିୟର୍ ଟିମ୍‌ର ମୁଖ୍ୟ ପ୍ରଶିକ୍ଷକ ପଦ ଖାଲି ପଡ଼ିଛି।

ସର୍ଫରାଜ୍ ଏକମାତ୍ର ପାକିସ୍ତାନୀ ଅଧିନାୟକ ଯିଏ ଦୁଇଟି ପ୍ରମୁଖ ଆଇସିସି ପ୍ରତିଯୋଗିତାର ଫାଇନାଲ୍‌ରେ ଭାରତ ବିପକ୍ଷରେ ବିଜୟ ହାସଲ କରିଥିଲେ। ତାଙ୍କ ଅଧିନାୟକତ୍ୱରେ ପାକିସ୍ତାନ ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲ୍‌ରେ ଭାରତକୁ ୧୮୦ ରନ୍‌ରେ ହରାଇଥିଲା। ସେହିପରି ତାଙ୍କ ନେତୃତ୍ୱରେ ପାକିସ୍ତାନ ୨୦୦୬ରେ ଆୟୋଜିତ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲ୍‌ରେ ଭାରତ ବିପକ୍ଷରେ ବିଜୟୀ ହୋଇଥିଲା।

## ବିବାହ କଲେ କ୍ରିକେଟର୍ ଯଶ୍ ଦୟାଲ୍

ନୂଆଦିଲ୍ଲୀ,(ଏଜେନ୍ସି): ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଫାଷ୍ଟ୍ ବୋଲର୍ ଯଶ୍ ଦୟାଲ୍ କଣ୍ଟେଣ୍ଟ୍ କ୍ରିଏଟର୍ ଶ୍ୱେତା ପୁଣ୍ଡୀରଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଜଣାପଡ଼ିଛି। ମିଡିଆ ରିପୋର୍ଟ ଅନୁସାରେ ଦୁହିଁଙ୍କ ବିବାହ ଫେବୃଆରୀ ୪ ତାରିଖରେ ନୋଏଡାରେ ପରିବାର ଏବଂ ନିକଟତମ ବନ୍ଧୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବିବାହ ଉତ୍ସବରେ କ୍ରିକେଟ୍ ଜଗତର କେହି ସାମିଲ ହୋଇଥିବା ଖବର ନାହିଁ। ଦିଲ୍ଲୀ ନିବାସୀ ଶ୍ୱେତା ପୁଣ୍ଡୀର ଜଣେ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର ଏବଂ ବ୍ଲଗର୍। ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ପ୍ରାୟ ୫.୮୭ ଲକ୍ଷ ଫଲୋଅର୍ ଅଛନ୍ତି। ସେ ଇଣ୍ଟର୍‌କଣ୍ଟିନେଣ୍ଟାଲ୍ ଲିଜେଣ୍ଡସ ଲିଗ୍‌ରେ ବ୍ରଡ୍‌କାଷ୍ଟର୍ ଭାବେ ମଧ୍ୟ କାମ କରିଛନ୍ତି। ଯଶ୍ ଦୟାଲ୍‌ଙ୍କ ନାମରେ ଗତ ବର୍ଷ ଦୁଇଟି ରେପ୍ କେସ୍ ହୋଇଥିଲା। ଗାଜିଆବାଦର ଜଣେ ମହିଳା ଦୟାଲ୍‌ଙ୍କ ବିରୋଧରେ ବିବାହ ଆଳରେ ଶାରୀରିକ ଶୋଷଣ ଏବଂ ଜୟପୁରର ଜଣେ ନାବାଳିକା ରେପ୍ କେସ୍ ରୁଜୁ କରିଥିଲେ।

## ବସନ୍ତ ଆସିଲା

ଶୀତ ସରିଗଲା ବସନ୍ତ ଆସିଲା
କୋଇଲି ଗାଇଲା କୁହୁ
ମଳୟ ପବନ ଭଲ ଲାଗୁଅଛି
ଯେମିତି ଚାଖିଲେ ମହୁ।
ଗଛରେ ବଉଳ ଚଣା ଫିଟିଲାଣି
ଟିକିଟିକି ଆମ୍ବ ଧରି
ପ୍ରଜାପତିଙ୍କର ମିଳନ ହେଉଛି
ଉଡୁଛନ୍ତି ଅସୁମାରୀ ।
ଯୁଇ ଜାଇ ହେନା ବାସ ଛାଡୁଛନ୍ତି
ପ୍ରକୃତିର ଏହି ଦାନ
ପାହାଡ଼ ଶିଖରୁ ଝରଣା ବୋହୁଛି
ପୁରି ଯାଉଅଛି ମନ ।
ଧୀରେ ଧୀରେ ପରା ବଢ଼ିଯିବ ଖରା
ଆସିଯିବ ଗ୍ରୀଷ୍ମ କାଳ
ଆମ୍ବ ବଡ଼ ହୋଇ ପାଚିଲା ଝଡ଼ିବ
ପାଚିବ ପଣସ ଫଳ ।
ଖରା ସିନା ଦିଏ ଅନେକ କଷଣ
ପରେ ପରେ ମିଳେ ଶାନ୍ତି
ଖରା ଯୋଗୁ ସିନା ବରଷାର ଧାରା
ସମସ୍ତଙ୍କୁ ମିଳେ ଶକ୍ତି ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ, ଖୋର୍ଦ୍ଧା

## ବର୍ଷା



ଆସିଲୁ ତୁ ବର୍ଷା, ଦେଇ ନବ ରୂପ,
ଧୂଳି ମଳି ଧୋଇ କଲୁ ସବୁ ସଫା।
ପ୍ରକୃତି କାନ୍ଥରେ ଆଙ୍କିଲୁ ତୁ ଛବି,
ନୂଆ ରଙ୍ଗ ଦେଇ ହସାଇଲୁ ସବୁ।
ତୋ ଆଗମନେ ବାଜେ ମେଘ ମଲ୍ଲାର,
ଡାକନ୍ତି ଡାହୁକୀ, ନାଚେ ମୟୂର।
ଡିମ୍ ଡିମ୍ ଶବ୍ଦେ ବାଜେ ମେଘ ଡମ୍ବରୁ,
ବିଜୁଳି ନାଚେ ସେହି ଗଗନ ଗହ୍ୱରୁ।
କ୍ଷେତେ କ୍ଷେତେ ଧାନ ଗଜୁରେ ସୁନ୍ଦର,
କୃଷକ ମୁହଁରେ ଫୁଟେ ଖୁସି ହସର।
ଶୀତଳ ସମୀର ବହେ ଧୀରେ ଧୀରେ,
ମାଟିରୁ ବାହାରେ ସୁଗନ୍ଧ ମଧୁରେ।
ଝିପି ଝିପି ହୋଇ ପଡୁଥାଏ ତୋର,
ପତ୍ର ଉପରେ ଦିଶେ ମୁକ୍ତା ପରାଏ।
ଆହା କି ସୁନ୍ଦର, ଆହା କି ମନୋରମ,
ତୋରି ପରଶରେ ସବୁ ହୁଏ ଶ୍ୟାମଳ।
ତୋତେ ଦେଖି ମନ ହୁଏ ବେଶି
ଉଲ୍ଲସିତ,
କୋଇଲିର ଗୀତେ ପ୍ରାଣ ହୁଏ ମୋହିତ।
ତୁ ହିଁ ଜୀବନ,
ତୁ ହିଁ ଶାନ୍ତିର ବାର୍ତ୍ତା,
ତୁ ଆମ ଦେଶର ଶ୍ରେଷ୍ଠ ଭାଗ୍ୟଦାତା।

**ରଞ୍ଜନ କୁମାର ମଲ୍ଲିକ**
ନିମାପଡ଼ା, ପୁରୀ
ମୋ: ୯୬୯୨୩୬୦୫୮୦

ଜାତୀୟ ଚେତନା
JATIYA CHETANA






## 'ଭୂତ ବଙ୍ଗଲା' ଜରିଆରେ ଏକାଠି ହେଲେ ଅକ୍ଷୟ-ପ୍ରିୟଦର୍ଶନ

ବଲିଉଡର 'ଖିଲାଡ଼ି' ଅକ୍ଷୟ କୁମାର ଓ ପ୍ରସିଦ୍ଧ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ଯୋଡ଼ି ପୁଣି ଥରେ ବଡ଼ ପରଦାରେ ନିଜର ଯାଦୁ ଦେଖାଇବାକୁ ପ୍ରସ୍ତୁତ। ଦୀର୍ଘ ୧୬ ବର୍ଷର ବ୍ୟବଧାନ ପରେ ଏହି ସଫଳ ଯୋଡ଼ି 'ଭୂତ ବଙ୍ଗଲା' ଚଳଚ୍ଚିତ୍ର ଜରିଆରେ ଦର୍ଶକଙ୍କୁ ହସାଇବା ଓ ଡରାଇବା ପାଇଁ ଫେରୁଛନ୍ତି। ନିକଟରେ ଏହି ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ରର ପ୍ରଥମ ଝଲକ ବା ପୂର୍ବାଭାସ ମୁକ୍ତିଲାଭ କରିଛି, ଯାହା ସିନେପ୍ରେମୀଙ୍କ ମଧ୍ୟରେ ବେଶ ଚର୍ଚ୍ଚା ସୃଷ୍ଟି କରିଛି। ୧ ମିନିଟ୍ ୨୩ ସେକେଣ୍ଡର ଏହି ପୂର୍ବାଭାସରେ ଅକ୍ଷୟ କୁମାରଙ୍କୁ ଏକ ସମ୍ପୂର୍ଣ୍ଣ ଭିନ୍ନ ଓ ହାସ୍ୟରସପୂର୍ଣ୍ଣ ରୂପରେ ଦେଖିବାକୁ ମିଳିଛି। କାହାଣୀ ଅନୁଯାୟୀ, ଅକ୍ଷୟ ଏକ ବିଶାଳ ବଙ୍ଗଳାରେ ପ୍ରବେଶ କରୁଛନ୍ତି ଏବଂ ସେଠାରେ ଘଟୁଥିବା ଅଜବ ଘଟଣାବଳୀକୁ ନେଇ ଚଳଚ୍ଚିତ୍ରର ଗତିଶୀଳତା ଆଗକୁ ବଢୁଛି। ଏଥିରେ ପରେଶ ରାୱଲ, ରାଜପାଲ ଯାଦବ ଓ ଆସରାନୀଙ୍କ ଭଳି ଦକ୍ଷ କଳାକାରଙ୍କ ଉପସ୍ଥିତି ହାସ୍ୟରସର ମାତ୍ରାକୁ ଦ୍ୱିଗୁଣିତ କରୁଛି। ବିଶେଷ କରି ଅଭିନେତା ଆସରାନୀଙ୍କ ଏକ ସଂଳାପ- 'ମଙ୍ଗଳପୁରରେ କେହି ବିବାହ କରନ୍ତି ନାହିଁ, ଜଣେ ବଧୂସୁର ଆସିବେ'- ଦର୍ଶକଙ୍କ ମନରେ କୌତୂହଳ ସୃଷ୍ଟି କରିଛି। ପୂର୍ବାଭାସର ଶେଷ ଭାଗରେ ଏକ ଭୟଙ୍କର ଚେହେରାର ଝଲକ ଦେଖାଯାଇଛି, ଯାହା ଚଳଚ୍ଚିତ୍ରର ରହସ୍ୟକୁ ଅଧିକ ଗଭୀର କରୁଛି। ଏହି ଚଳଚ୍ଚିତ୍ରକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସାମାଜିକ ଗଣମାଧ୍ୟମରେ ପ୍ରଶଂସକମାନେ ଏହାକୁ ଅକ୍ଷୟ କୁମାରଙ୍କ ପୁରୁଣା ସଫଳ ଚଳଚ୍ଚିତ୍ର 'ଭୁଲ୍ ଭୁଲୈୟା' ସହ ତୁଳନା କରୁଛନ୍ତି। ଅନେକ ଦର୍ଶକ ମତ ଦେଇଛନ୍ତି ଯେ, ଏଥିରେ ସେହି ପୁରୁଣା ହାସ୍ୟରସ ଓ ଭୟର ସନ୍ତୁଳନ ବାରି ହୋଇ ପଡୁଛି। ଅକ୍ଷୟ ଓ ପ୍ରିୟଦର୍ଶନଙ୍କ ଯୋଡ଼ି ପୂର୍ବରୁ 'ଗରମ ମସଲା', 'ଭାଗମ ଭାଗ', 'ଦେ ଦାନା ଦନ' ଏବଂ 'ଖଟ୍ଟା ମିଠା' ଭଳି ଅନେକ ସଫଳ ଚଳଚ୍ଚିତ୍ର ଭେଟି ଦେଇଛନ୍ତି। ୨୦୦୭ର 'ଭୁଲ ଭୁଲୈୟା' ପାଇଁ ଅକ୍ଷୟ ଶ୍ରେଷ୍ଠ ଅଭିନେତା ପୁରସ୍କାର ମଧ୍ୟ ପାଇଥିଲେ। ଏଭଳି ସ୍ଥିତିରେ ଦୀର୍ଘ ସମୟ ପରେ ଏହି ଯୋଡ଼ିର ପୁନରାଗମନ ବକ୍ସ ଅଫିସରେ ଧମାକା କରିବ ବୋଲି ଆଶା କରାଯାଉଛି। ଏହି ଚଳଚ୍ଚିତ୍ରରେ ଅକ୍ଷୟଙ୍କ ସହ ତବୁ ଓ ଭାମିକା ଗାବି ମଧ୍ୟ ମୁଖ୍ୟ ଭୂମିକାରେ ନଜର ଆସିବେ। ଏକତା କପୁର ଓ ଶୋଭା କପୁରଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ର ଆସନ୍ତା ୨୦୨୬ ଏପ୍ରିଲ ୧୦ ତାରିଖରେ ମୁକ୍ତିଲାଭ କରିବାକୁ ଯୋଜନା ରହିଛି। ଗତବର୍ଷ ଦେହାନ୍ତ କରିଥିବା ବରିଷ୍ଠ ଅଭିନେତା ଆସରାନୀଙ୍କୁ ମଧ୍ୟ ଶେଷଥର ପାଇଁ ପରଦାରେ ଦେଖିବା ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ ହେବ। ମୋଟାମୋଟି ଭାବେ କହିଲେ, 'ଭୂତ ବଙ୍ଗଲା' ହେଉଛି ଭୟ ଓ ହସର ଏକ ସମ୍ପୂର୍ଣ୍ଣ ପୁଡ଼ିଆ, ଯାହାକୁ ନେଇ ଏବେ ସିନେମା ଜଗତରେ ଜୋରଦାର ଚର୍ଚ୍ଚା ଚାଲିଛି।

ଅକ୍ଷୟ କୁମାର ଓ ପ୍ରିୟଦର୍ଶନଙ୍କ ଏହି ପୁନର୍ମିଳନକୁ ନେଇ ବଲିଉଡରେ ଏବେଠାରୁ ବଡ଼ ବ୍ୟବସାୟର ଆଶା କରାଗଲାଣି। ବିଶେଷ କରି ଅକ୍ଷୟଙ୍କ ଶେଷ କିଛି ଚଳଚ୍ଚିତ୍ର ବକ୍ସ ଅଫିସରେ ସେତେଟା ସଫଳତା ପାଇ ନଥିବାରୁ, 'ଭୂତ ବଙ୍ଗଲା' ତାଙ୍କ ପାଇଁ ଏକ ଶକ୍ତିଶାଳୀ ପ୍ରତ୍ୟାବର୍ତ୍ତନ ହେବ ବୋଲି କୁହାଯାଉଛି। ପ୍ରିୟଦର୍ଶନଙ୍କ ନିର୍ଦ୍ଦେଶନା ଶୈଳୀ ସବୁବେଳେ ସାଧାରଣ ଦର୍ଶକଙ୍କୁ ବାନ୍ଧି ରଖିବାରେ ସଫଳ ହୋଇଥାଏ। ଏହି ଚଳଚ୍ଚିତ୍ରରେ କେବଳ ପୁରୁଣା କଳାକାର ନୁହଁନ୍ତି, ବରଂ ନୂଆ ପିଢ଼ିର ଅଭିନେତ୍ରୀ ଭାମିକା ଗାବିଙ୍କ ଉପସ୍ଥିତି ଏକ ନୂଆ ସ୍ୱାଦ ଆଣିଦେବ। ଟିଜରରେ ଦେଖାଯାଇଥିବା ବଙ୍ଗଳାର ରହସ୍ୟମୟ ପରିବେଶ ଓ ସେଠାକାର ଶବ୍ଦ ସଂଯୋଜନା ଦର୍ଶକଙ୍କ ମନରେ ଉତ୍କଣ୍ଠା ସୃଷ୍ଟି କରିଛି। ଅକ୍ଷୟ କୁମାର ଏହି ଚଳଚ୍ଚିତ୍ର ପାଇଁ ନିଜର ଶାରୀରିକ ଗଠନ ଓ ଅଭିନୟ ଶୈଳୀରେ କିଛିଟା ପରିବର୍ତ୍ତନ କରିଥିବା ଜଣାପଡୁଛି। ସିନେ ସମୀକ୍ଷକଙ୍କ ମତରେ, ହରର-କମେଡି ଧାରାର ଚଳଚ୍ଚିତ୍ର ଏବେ ଭାରତୀୟ ବଜାରରେ ବହୁତ ଭଲ ପ୍ରଦର୍ଶନ କରୁଛି। ଏହି କ୍ରମରେ 'ଭୂତ ବଙ୍ଗଲା' ସେହି ସଫଳତାକୁ ଦୋହରାଇବାରେ ସକ୍ଷମ ହୋଇପାରେ। ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶନା ପାଇଁ ମଧ୍ୟ ଜଣେ ଦକ୍ଷ ସଙ୍ଗୀତକାରଙ୍କୁ ଚୟନ କରାଯାଇଛି, ଯିଏ ଭୟଙ୍କର ଦୃଶ୍ୟକୁ ଅଧିକ ପ୍ରଭାବଶାଳୀ କରିବେ। ବାଲାଜୀ ଟେଲିଫିଲ୍ମସର ଏହି ବଡ଼ ବଜେଟ୍ ପ୍ରକଳ୍ପରେ ଗ୍ରାଫିକ୍ସ ଓ ଭିଜୁଆଲ୍ ଇଫେକ୍ଟସର ବ୍ୟାପକ ବ୍ୟବହାର ହୋଇଥିବା ସୂଚନା ମିଳିଛି। ଅକ୍ଷୟଙ୍କ ପ୍ରଶଂସକମାନେ 'ରାଜପାଲ-ଅକ୍ଷୟ' ଯୋଡ଼ିର ସେହି ପୁରୁଣା ହାସ୍ୟରସକୁ ପୁଣି ଥରେ ଦେଖିବାକୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ସୋସିଆଲ ମିଡିଆରେ ଏହି ଟିଜର ରିଲିଜ୍ ହେବାର ମାତ୍ର କିଛି ଘଣ୍ଟା ମଧ୍ୟରେ ଏହା ଲକ୍ଷ ଲକ୍ଷ ଭ୍ୟୁ ପାଇ ସାରିଲାଣି। ଏକତା କପୁରଙ୍କ ପ୍ରଯୋଜନା ସଂସ୍ଥା ଏହାର ପ୍ରଚାର ପାଇଁ ଏକ ଭିନ୍ନ ରଣନୀତି ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଚଳଚ୍ଚିତ୍ରର ଅଧିକାଂଶ ସୁଟିଂ ଏକ ଭୟଙ୍କର ଦେଖାଯାଉଥିବା ବାସ୍ତବିକ ସ୍ଥାନରେ କରାଯାଇଛି। କଳାକାରମାନଙ୍କ ମଧ୍ୟରେ ଥିବା ବୁଝାମଣା ପରଦାରେ ଏକ ଚମତ୍କାର ଜାଦୁ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ୨୦୨୬ ମସିହାର ଏହା ଏକ ବଡ଼ ମୁକ୍ତିଲାଭ ବୋଲି ବିବେଚନା କରାଯାଉଛି। ସିନେମା ହଲରେ ଏହି ଚଳଚ୍ଚିତ୍ରଟି ଦର୍ଶକଙ୍କୁ କେବଳ ଡରାଇବ ନାହିଁ, ବରଂ ପେଟ ଫାଟିବା ଯାଏଁ ହସାଇବ। ମୋଟାମୋଟି ଭାବେ କହିଲେ, ପ୍ରିୟଦର୍ଶନ ନିଜର ପୁରୁଣା ସଫଳ ସୂତ୍ରକୁ ନୂଆ ରୂପରେ ପରିବେଷଣ କରିବାକୁ ଯାଉଛନ୍ତି।

## ନିଜ ସ୍ୱରରେ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି ଗାୟିକା ଅମ୍ରିତା

ଓଡ଼ିଆ ସଙ୍ଗୀତ ଜଗତର ଜଣେ ଜନପ୍ରିୟ କଣ୍ଠଶିଳ୍ପୀ ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ଅମ୍ରିତା ନାୟକ। ଗତ ଦଶ ବର୍ଷରୁ ଅଧିକ ସମୟ ହେବ ସେ ନିଜ ଗୀତ ମାଧ୍ୟମରେ ଶ୍ରୋତାଙ୍କ ମନ ଜିତି ଆସୁଛନ୍ତି। ମାତ୍ର ଛଅ ବର୍ଷ ବୟସରୁ ଶିଶୁ କଳାକାର ଭାବେ ସଙ୍ଗୀତ ଯାତ୍ରା ଆରମ୍ଭ କରିଥିବା ଅମ୍ରିତା ଆଜି ଜଣେ ଶୀର୍ଷ ସ୍ଥାନୀୟ ଗାୟିକାଙ୍କ ମଧ୍ୟରେ ପରିଗଣିତ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସଙ୍ଗୀତ ତାଙ୍କର ନିଶା ହୋଇଥିବା ବେଳେ ବୃତ୍ତିରେ ସେ ଜଣେ କମ୍ପ୍ୟୁଟର ଯନ୍ତ୍ରୀ। ସେ କେବଳ ଓଡ଼ିଆ ନୁହଁନ୍ତି, ହିନ୍ଦୀ ଏବଂ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତରେ ମଧ୍ୟ ନିଜର ପ୍ରତିଭା ଦେଖାଇ ସାରିଛନ୍ତି। ଭଜନ ହେଉ ଅବା ଭାବପୂର୍ଣ୍ଣ ଗୀତ, ସବୁଥିରେ ସେ ନିପୁଣା ହୋଇଥିବା ବେଳେ ବିଶେଷ କରି କାରୁଣ୍ୟଭରା ସଙ୍ଗୀତ ପାଇଁ ତାଙ୍କୁ 'ଦୁଃଖର ସମ୍ରାଜ୍ଞୀ' ମଧ୍ୟ କୁହାଯାଏ। ଚଉଦରୁ ଅଧିକ ଭାଷାରେ ପ୍ରାୟ ଏକ ହଜାରରୁ ଅଧିକ ଗୀତରେ ସେ କଣ୍ଠଦାନ କରି ଶ୍ରୋତାଙ୍କୁ ବିମୋହିତ କରିଛନ୍ତି।

ତାଙ୍କ ସଙ୍ଗୀତ ଶିକ୍ଷାର ମୂଳଦୁଆ ପଡ଼ିଥିଲା ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀଙ୍କଠାରୁ। ଦୂରଦର୍ଶନର ସଙ୍ଗୀତ କାର୍ଯ୍ୟକ୍ରମରେ ଭାଗ ନେବା ପରେ ତାଙ୍କ ପାଇଁ ସୁଯୋଗର ଦ୍ୱାର ଖୋଲିଯାଇଥିଲା। 'ମୋତେ ଆଣିଦେଲୁ ଲକ୍ଷେ ଫଗୁଣ' ଚଳଚ୍ଚିତ୍ର ଜରିଆରେ ଓଡ଼ିଆ ସିନେମା ଜଗତରେ ପାଦ ଥାପିଥିବା ଅମ୍ରିତା ଏବେ ସୁଦ୍ଧା ପଚାଶରୁ ଅଧିକ ଚଳଚ୍ଚିତ୍ର ଓ ଛଅ ଶହରୁ ଅଧିକ ଆଲବମରେ ଗୀତ ଗାଇ ସାରିଛନ୍ତି। ହାଇଦ୍ରାବାଦରେ ରହୁଥିବାରୁ ତେଲୁଗୁ ଭାଷା ପ୍ରତି ତାଙ୍କର ଆଗ୍ରହ ବଢ଼ିଥିଲା ଏବଂ ସେଠାକାର ଜନପ୍ରିୟ ସଙ୍ଗୀତ ପ୍ରତିଯୋଗିତାରେ ଶ୍ରେଷ୍ଠ ଛଅ ଜଣଙ୍କ ମଧ୍ୟରେ ପହଞ୍ଚି ନିଜର ପରାକାଷ୍ଠା ଦେଖାଇଥିଲେ। ନିକଟରେ ସେ ଏକ ତେଲୁଗୁ ଚଳଚ୍ଚିତ୍ରରେ ମଧ୍ୟ ତିନୋଟି ଗୀତ ଗାଇଛନ୍ତି। ହିନ୍ଦୀ ଚଳଚ୍ଚିତ୍ର ଜଗତରେ ଗୀତ ଗାଇବା ତାଙ୍କ ପାଇଁ ଏକ ବଡ଼ ସଫଳତା ଥିଲା।

# ପୁଣି ପରଦାରେ ଜମିବ 'ରାଜନୀତି'

ହାଇଦ୍ରାବାଦ: ଦୀର୍ଘ ୧୫ ବର୍ଷର ଅପେକ୍ଷା ପରେ ବଡ଼ ପରଦାକୁ ଫେରୁଛି ବହୁ ପ୍ରତିକ୍ଷିତ ଚଳଚ୍ଚିତ୍ର 'ରାଜନୀତି'ର ସିକ୍ୱେଲ। ୨୦୧୦ ମସିହାରେ ବକ୍ସ ଅଫିସରେ ହଇଚଇ ସୃଷ୍ଟି କରିଥିବା ଏହି ପଲିଟିକାଲ ଥ୍ରୀଲରର ଦ୍ୱିତୀୟ ଭାଗ ନିର୍ମାଣ ହେବା ନେଇ ସ୍ପଷ୍ଟ କରିଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ପ୍ରକାଶ ଝା। ଏହି ଖବର ପ୍ରଚାରିତ ହେବା ପରେ ରଣବୀର କପୁର ଏବଂ କ୍ୟାଟ୍ରିନା କୈଫଙ୍କ ପ୍ରଶଂସକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ନିର୍ଦ୍ଦେଶକ ପ୍ରକାଶ ଝା ଏକ ସାକ୍ଷାତକାରରେ କହିଛନ୍ତି ଯେ, 'ରାଜନୀତି- ୨' ପାଇଁ ଯୋଜନା ବହୁ ପୂର୍ବରୁ ଥିଲା ଏବଂ ବର୍ତ୍ତମାନ ସେ ଏହାର କାହାଣୀ ଉପରେ କାମ କରୁଛନ୍ତି। ଯଦିଓ ଚଳଚ୍ଚିତ୍ରର କାଷ୍ଟିଂ ଏବଂ ସୁଟିଂ ତାରିଖ ନେଇ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ଘୋଷଣା ହୋଇନାହିଁ, କିନ୍ତୁ ଖୁବଶୀଘ୍ର ଏହା ସମ୍ପର୍କରେ ସବିଶେଷ ସୂଚନା ଦିଆଯିବ।



ପ୍ରଥମ ଭାଗରେ ରଣବୀର କପୁରଙ୍କ ଅଭିନୟକୁ ବେଶ ପ୍ରଶଂସା କରାଯାଇଥିଲେ ହେଁ, ରଣବୀର ନିଜେ ତାଙ୍କ କାମରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ନଥିବା ନେଇ ଚର୍ଚ୍ଚା ହୋଇଥିଲା। ଏ ପ୍ରସଙ୍ଗରେ ପ୍ରକାଶ ଝା କହିଛନ୍ତି ଯେ ଜଣେ ଭଲ ଅଭିନେତା ସର୍ବଦା ନିଜ କାମର ସମୀକ୍ଷା କରିଥାନ୍ତି ଏବଂ ସିକ୍ୱେଲରେ ତାଙ୍କୁ ଆହୁରି ଭଲ ଭାବେ ଉପସ୍ଥାପନ କରିବାର ସୁଯୋଗ ରହିଛି। ମନେପକାଇ ଦିଆଯାଇପାରେ ଯେ, ୨୦୧୦ର 'ରାଜନୀତି'ରେ ରଣବୀର-କ୍ୟାଟ୍ରିନାଙ୍କ ବ୍ୟତୀତ ଅଜୟ ଦେବଗନ, ନାନା ପାଟେକର, ମନୋଜ ବାଜପେୟୀ, ଅର୍ଜୁନ ରାମପାଲ ଏବଂ ନାସିରୁଦ୍ଦିନ ଶାହଙ୍କ ଭଳି ଦିଗ୍ଗଜ କଳାକାର ଅଭିନୟ କରିଥିଲେ। ସିକ୍ୱେଲରେ ଏହି ପୁରୁଣା କଳାକାରଙ୍କ ମଧ୍ୟରୁ କିଏ ରହିବେ ଏବଂ କେଉଁ ନୂଆ ଚେହେରା ସାମିଲ ହେବେ, ତାହା ଦେଖିବାକୁ ବାକି ରହିଲା। ଗତ କିଛି ବର୍ଷ ଧରି ପ୍ରକାଶ ଝା 'ଆଶ୍ରମ' ୱେବ୍ ସିରିଜ୍‌କୁ ନେଇ ବ୍ୟସ୍ତ ଥିଲେ। 'ଗଙ୍ଗାଜଲ', 'ଅପହରଣ' ଏବଂ 'ସତ୍ୟାଗ୍ରହ' ଭଳି ସାମାଜିକ-ରାଜନୈତିକ ଚଳଚ୍ଚିତ୍ର ନିର୍ମାଣରେ ସିଦ୍ଧହସ୍ତ ଝା, ପ୍ରାୟ ଏକ ଦଶନ୍ଧି ପରେ ପୁଣି ଥରେ ନିଜର ପ୍ରିୟ ଧାରାକୁ ଫେରୁଛନ୍ତି। ବିଶେଷ କରି କ୍ୟାଟ୍ରିନା କୈଫ ଦୀର୍ଘ ଦୁଇ ବର୍ଷର ବ୍ୟବଧାନ ପରେ ବଡ଼ ପରଦାକୁ ଫେରିବା ସମ୍ଭାବନା ଥିବାରୁ ଫ୍ୟାନ୍ସମାନେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

ଚଳଚ୍ଚିତ୍ର ପ୍ରେମୀଙ୍କ ମତରେ, ଭାରତୀୟ ରାଜନୀତିର ଜଟିଳତା ଓ ପରିବାରବାଦକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ ବର୍ତ୍ତମାନର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଉପରେ ଆଧାରିତ ହୋଇପାରେ। ପ୍ରକାଶ ଝା ନିଜର ଚଳଚ୍ଚିତ୍ରରେ ବାସ୍ତବବାଦୀ ଦୃଶ୍ୟାୟନ ପାଇଁ ଜଣାଶୁଣା, ତେଣୁ 'ରାଜନୀତି ୨'ରେ ମଧ୍ୟ କିଛି ବଡ଼ ଧରଣର ସାମାଜିକ ସନ୍ଦେଶ ରହିବ ବୋଲି ଆଶା କରାଯାଉଛି। ରଣବୀର ଓ କ୍ୟାଟ୍ରିନାଙ୍କ ଯୋଡ଼ି ପୂର୍ବରୁ ଅନେକ ହିଟ୍ ଫିଲ୍ମ ଦେଇଥିବାରୁ ସେମାନଙ୍କୁ ପୁଣି ପରଦାରେ ଏକାଠି ଦେଖିବାକୁ ଦର୍ଶକ ବହୁତ ବ୍ୟଗ୍ର ଅଛନ୍ତି। ବିଶେଷ କରି କ୍ୟାଟ୍ରିନାଙ୍କ 'ଇନ୍ଦୁ ପ୍ରତାପ ସିଂ' ଚରିତ୍ରର ପରବର୍ତ୍ତୀ ଯାତ୍ରା କଣ ହେବ, ତାହା ଦେଖିବା ବେଶ୍ ଆକର୍ଷଣୀୟ ହେବ। ଚଳଚ୍ଚିତ୍ରର ସଂଳାପ ଏବଂ ଚିତ୍ରନାଟ୍ୟ ଶେଷ ପର୍ଯ୍ୟାୟରେ ଥିବା ବେଳେ ବଲିଉଡର ଅନ୍ୟ କେତେକ ବଡ଼ କଳାକାରଙ୍କ ସହ ମଧ୍ୟ ଯୋଗାଯୋଗ କରାଯାଉଥିବା ଖବର ମିଳିଛି। ପ୍ରକାଶ ଝାଙ୍କ ଏହି ଘୋଷଣା ସିନେମା ଜଗତରେ ଏକ ନୂଆ ଚର୍ଚ୍ଚା ସୃଷ୍ଟି କରିଛି। ସୋସିଆଲ ମିଡିଆରେ ଏବେଠାରୁ 'ରାଜନୀତି ୨' ଟ୍ରେଣ୍ଡ୍ କରିବା ଆରମ୍ଭ କଲାଣି। ଯଦି ସବୁକିଛି ଯୋଜନା ଅନୁସାରେ ଚାଲେ, ତେବେ ଚଳିତ ବର୍ଷ ଶେଷ ସୁଦ୍ଧା ସୁଟିଂ ଆରମ୍ଭ ହୋଇପାରେ। ଏହା କେବଳ ଏକ ଚଳଚ୍ଚିତ୍ର ନୁହେଁ, ବରଂ ଭାରତୀୟ ସିନେମାରେ ରାଜନୈତିକ ନାଟକର ଏକ ନୂଆ ଅଧ୍ୟାୟ ଯୋଡ଼ିବ ବୋଲି ବିଶ୍ୱାସ କରାଯାଉଛି। ଶକ୍ତିଶାଳୀ ନିର୍ଦ୍ଦେଶନା ଓ ଦକ୍ଷ କଳାକାରଙ୍କ ସମ୍ମିଶ୍ରଣରେ ଏହି ସିକ୍ୱେଲ ପୂର୍ବ ଭାଗର ସଫଳତାକୁ ଅତିକ୍ରମ କରିବ ବୋଲି ସିନେ ସମୀକ୍ଷକମାନେ ମତ ଦେଉଛନ୍ତି।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ